بِسۡمِ اللّٰہِ الرَّحۡمٰنِ الرَّحِیۡمِ   نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ   وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡد

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 5

ସାପ୍ତାହିକ ବଦର

Weekly BADAR Qadian Odia

କାଦିଆନ

ସଂଖ୍ୟା 9

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

27 ଫେବୃଆରୀ 2020 | 27 ତବ୍‌ଲିଗ୍ 1399 ହି.ଶ | 02 ରଜବ୍ 1441 ହି.କ


## ଅଲ୍ଲାଃ ତାଲାଙ୍କ ବାଣୀ

وَلَا یَحۡزُنۡکَ الَّذِیۡنَ یُسَارِعُوۡنَ فِی الۡکُفۡرِ ۚ اِنَّہُمۡ لَنۡ یَّضُرُّوا اللّٰہَ شَیۡـًٔا ؕ یُرِیۡدُ اللّٰہُ اَلَّا یَجۡعَلَ لَہُمۡ حَظًّا فِی الۡاٰخِرَۃِ ۚ وَلَہُمۡ عَذَابٌ عَظِیۡمٌ ○ (آل عمران:177)

ଅନୁବାଦ- ଏବଂ ଯେଉଁମାନେ ଅବିଶ୍ୱାସ (କରିବା)ରେ (ଶିଘ୍ର) ଅଗ୍ରସର ହେଉଛନ୍ତି, ସେମାନେ ତୁମ୍ଭଙ୍କୁ ଦୁଃଖିତ ନ କରନ୍ତୁ; ସେମାନେ ଅଲ୍ଲାଃଙ୍କର କୌଣସି କ୍ଷତି କରିପାରିବେ ନାହିଁ; ଅଲ୍ଲାଃ ଇଚ୍ଛା କରନ୍ତି ଯେ ପରକଳାରେ ସେମାନଙ୍କର କୌଣସି ଭାଗ ନ ରହୁ ଏବଂ ସେମାନଙ୍କ ପାଇଁ ଭୀଷଣ ଶାସ୍ତି (ନିୟତ) ଅଛି ।

*(ଆଲେ ଇମରାନ୍: ୧୭୭)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱର[ଅ.ବ]ଙ୍କ ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁର[ଅ.ବ]ଙ୍କୁ ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଆଁ ହଜରତ ସ:ଆ:ସଙ୍କ ଚିରତ୍ର ଏପରି ଥିଲା କି ତାହା ଅନୁଭବ ଓ ପ୍ରୟୋଗ କ୍ଷେତ୍ରରେ ପୂର୍ଣ୍ଣସ୍ତରର ପ୍ରମାଣିତ ହୋଇଛି । ତାହା କେବଳ କଥା ନୁହେଁ ବରଂ ତାହାଙ୍କ ସତ୍ୟତାର ପ୍ରମାଣ ଆମ ପାଖରେ ଏପରି ଅଛି ଯେପରି ଗଣିତର ସୁତ୍ର ସଠିକ୍ ବିଶ୍ୱସନୀୟ ହୋଇଥାଏ ଏବଂ ଆମେ ଦୁଇ ମିଶାଣ ଦୁଇ ଚାରି ଭଳି ତାହା ପ୍ରମାଣ କରିପାରିବୁ କିନ୍ତୁ ଅନ୍ୟ କୌଣସି ନବୀଙ୍କ ଅନୁଗାମିମାନେ ଏପରି କରିପାରିବେ ନାହିଁ ।**

## ହଜରତ ମସିହ ମଉଦ[ଆ.ସ]ଙ୍କ ନୀତି ବାଣୀ

### ରସୁଲେ କରିମ୍ ସ:ଆ:ସଙ୍କ ମହାନ ଚରିତ୍ର

ସବୁଠାରୁ ସମ୍ପୁର୍ଣ୍ଣ ନମୁନା ଏବଂ ଦୃଷ୍ଟାନ୍ତ ଆଁ ହଜରତ ସ:ଆ:ସଙ୍କର ଅଟେ । ଯିଏ ସମସ୍ତ ଚରିତ୍ରରେ ପୂର୍ଣ୍ଣ ଥିଲେ । ସେଥିପାଇଁ ତାଙ୍କ ସମ୍ମାନରେ (ଅଲ୍ଲାଃ ତାଲା) କହିଲେ **ଇନ୍ନକା ଲଅଲା ଖୁଲୁକିନ୍ ଅଜିମ୍** (ଅଲ୍‌କଲମ୍: ୫)

ଗୋଟିଏ ସମୟରେ ସେ ସୁଭାଷଣ ଦ୍ୱାରା ଗୋଟିଏ ଦଳକୁ କଳ୍ପନାର ଜଗତରେ ଅଭିଭୁତ କରିଦେଉଛନ୍ତି । ଗୋଟିଏ ସମୟ ଆସୁଛି ଯେ ତୀର ଓ ତରବାରୀର ରଣକ୍ଷେତ୍ରରେ ଆଗକୁ ବଢ଼ି ଦମ୍ଭ ଓ ସାହାସ ଦେଖାଉଛନ୍ତି । ଦାନ କରିବାକୁ ଯାଉଛନ୍ତି ତ ସୁନାର ପାହାଡ଼ ପ୍ରଦାନ କରୁଛନ୍ତି । କ୍ଷମା ଆଚରଣ କରିବାରେ ନିଜର ବୈଭବକୁ ଏପରି ପ୍ରଦର୍ଶନ କରୁଛନ୍ତି ଯେ ମୃତ୍ୟୁଦଣ୍ଡ ପାଇବା ଯୋଗ୍ୟ ଲୋକକୁ ଛାଡ଼ିଦେଉଛନ୍ତି । ସୁତରାଂ ରସୁଲୁଲ୍ଲାଃ ସ:ଆ:ସଙ୍କ ଅଦ୍ୱିତୀୟ ଓ ଅନୁପମ ଦୃଷ୍ଟାନ୍ତ ରହିଛି ଯାହାଙ୍କୁ ଖୁଦାତାଲା ଦେଖାଇ ଦେଇଛନ୍ତି । ଏହାର ଉଦାହରଣ ହେଉଛି ଏପରି ଏକ ବିଶାଳ ବୃକ୍ଷ, ଯାହାର ଛାଇ ତଳେ ବସି ମନୁଷ୍ୟ ତା'ର ପ୍ରତ୍ୟେକ ଭାଗରୁ ନିଜର ଆବଶ୍ୟକତାକୁ ପୂରଣ କରିନେବ । ତା'ର ଫଳ, ତା'ର ଫୁଲ, ତା'ର ଛାଇ, ତା'ର ପତ୍ର ଏପରିକି ପ୍ରତ୍ୟେକ ବସ୍ତୁ ହିତକାରୀ । ଆଁ ହଜରତ ସ:ଆ:ସ ସେହି ମହାନ ବୃକ୍ଷ ସଦୃଶ ଅଟନ୍ତି ଯାହାର ଛାୟା ହେଉଛି ଏପରି କି କୋଟି କୋଟି ପ୍ରାଣୀ ସେଥିରେ କୁକୁଡ଼ାର ପର ଭଳି ଆରାମ ଓ ଶରଣ ନେଉଛନ୍ତି । ଯୁଦ୍ଧକ୍ଷେତ୍ରରେ ସବୁଠାରୁ ବାହାଦୁର୍ ସେହି ବ୍ୟକ୍ତି ବୋଲାଉଥିଲା ଯିଏ ଆଁ ହଜରତ ସ:ଆ:ସଙ୍କ ନିକଟରେ ରହୁଥିଲା । କାରଣ ଆପଣ (ସ:ଆ:ସ) ବହୁତ ବିପଦପୂର୍ଣ୍ଣ ସ୍ଥାନରେ ରହୁଥିଲେ । ସୁବ୍‌ହାନଲ୍ଲାଃ ! କେଡ଼େ ମହାନ୍ ! ଉହଦ୍ ଯୁଦ୍ଧରେ ଦେଖ ଯେ, ତରବାରୀ ଉପରେ ତରବାରୀର ଆକ୍ରମଣ ଚାଲିଛି । ଏପରି ଭୟଙ୍କ ର ଯୁଦ୍ଧ ଚାଲିଛି ଯେ ସାହାବାମାନେ ବରଦାସ୍ତ କରିପାରୁନାହାନ୍ତି କିନ୍ତୁ ଏହି ଯୋଦ୍ଧା ପୁରୁଷ ଦର୍ପର ସହିତ ଲଢ଼ି ଚାଲିଛି । ସେଥିରେ ସାହାବାମାନଙ୍କର ଭୁଲ୍ ନଥିଲା । ଅଲ୍ଲାଃ ତାଲା ସେମାନଙ୍କୁ କ୍ଷମା ଦେଲେ ବରଂ ସେଥିରେ ରହସ୍ୟ ଥିଲା ଯେ ଏହା ଦ୍ୱାରା ରସୁଲୁଲ୍ଲାଃ ସ:ଆ:ସଙ୍କ ବୀରତାର ନମୁନା ପଦର୍ଶନ ହେଉ । ଗୋଟିଏ ମୌକାରେ ତରବାରୀ ଉପରେ ତରବାରୀର ଆକ୍ରମଣ ଚାଲିଥିଲା ଓ ଆପଣ ସ:ଆ:ସ ନବୁଓ୍ୱତ୍‌ର ଦାବି କରିଚାଲିଥିଲେ ଯେ ମୁହମ୍ମଦ୍ ରସୁଲୁଲ୍ଲାଃ (ଅର୍ଥାତ ମୁହମ୍ମଦ୍ ଅଲ୍ଲାଃଙ୍କ ରସୁଲ) ହେଉଛି ମୁଁ । କୁହାଯାଉଛି ହଜ୍‌ରତ୍ ସ:ଆ:ସଙ୍କ ମଥାରେ ସତୁରୀଟା କ୍ଷତ ହୋଇଥିଲା କିନ୍ତୁ କ୍ଷତଗୁଡ଼ିକ ହାଲ୍‌କା ଥିଲା । ଏହା ମହାନ୍ ଚରିତ୍ର ଥିଲା ।

ଏପରି ସମୟ ଆସିଛି ଆପଣ ସ:ଆ:ସଙ୍କ ନିକଟରେ ଏତେ ମାତ୍ରାରେ ଛେଳି ମେଣ୍ଢା ଥିଲା ଯେ କୈସର୍ ଏବଂ କିସ୍‌ରାଙ୍କ ନିକଟରେ ମଧ୍ୟ ନଥିବେ କିନ୍ତୁ ସେ ସବୁକୁ ଆପଣ ସ:ଆ:ସ ଜଣେ ମାଗିବାବାଲାଙ୍କୁ ପ୍ରଦାନ କରିଦେଲେ । ଏବେ ଯଦି ନିକଟରେ କିଛି ନଥାନ୍ତା ତେବେ କ'ଣ ଦେଇଥାନ୍ତେ । ଯଦି ହୁକୁମତ୍‌ର ସ୍ୱରୂପ ନଥାନ୍ତା ତେବେ ଏହା କିପରି ପ୍ରମାଣ ହୋଇଥାନ୍ତା ଯେ ଆପଣ (ସ:ଆ:ସ) ମୃତ୍ୟୁଦଣ୍ଡ ପାଇବା ଯୋଗ୍ୟ ମକ୍କାର ଅବିଶ୍ୱାସକାରୀକୁ ପ୍ରତିଶୋଧ ନେବାର ଶକ୍ତି ରଖିଥିବା ସତ୍ୱେ ମଧ୍ୟ କ୍ଷମା ଦେଇପାରୁଛନ୍ତି, ଯେଉଁମାନେ ସାହାବା କଲାମ୍‌ଙ୍କୁ ସ୍ୱୟଂ ହଜୁର ଆ:ସଙ୍କୁ ଏବଂ ମୁସଲମାନ ମହିଳାମାନଙ୍କୁ ଭିଷଣରୁ ଭିଷଣ ନିର୍ଯ୍ୟାତନା ଓ କଷ୍ଟ ଦେଉଥିଲେ । କିନ୍ତୁ ଯେତେବେଳେ ସେମାନେ ସାମନାକୁ ଆସିଲେ ସେତେବେଳେ ଆପଣ କହିଲେ **ଲା ତସ୍‌ରିବା ଆଲୈକୁମୁଲ୍ ୟୋମା** ମୁଁ ଆଜି ତୁମମାନଙ୍କୁ କ୍ଷମା ଦେଉଅଛି । ଯଦି ଏପରି ମୌକା ନ ମିଳିଥାନ୍ତା ତେବେ ହଜୁରଙ୍କର ଏପରି ମହାନ୍ ଚରିତ୍ର କିପରି ପ୍ରକାଶ ହୋଇଥାନ୍ତା । ଏହି ଶାନ୍ (ସମ୍ମାନ) ଆପଣଙ୍କର ଓ କେବଳ ଆପଣଙ୍କର ହିଁ ଥିଲା । ଏପରି କୌଣସି ସୁଗୁଣ ସମ୍ବନ୍ଧରେ ବତାଅ ଯାହା ଆପଣଙ୍କ ନିକଟରେ ନଥିବ ଓ ପୁଣି ତାହା ଉଚ୍ଚକୋଟି ସମ୍ପନ୍ନ ପୂର୍ଣ୍ଣମାତ୍ରାରେ ନଥିବ ।

ହଜରତ ମସିହ ଆ:ସଙ୍କ ଜୀବନକୁ ଦେଖି କହିବାକୁ ପଡୁଛି ଯେ ତାଙ୍କର ଚରିତ୍ର ସମ୍ପୁର୍ଣ୍ଣରୂପେ ଅପ୍ରକଟ ଥିଲା । ଯେଉଁ ଦୁଷ୍ଟ ଇହୁଦୀମାନଙ୍କୁ ସରକାରଙ୍କ ନିକଟରେ ଚଉକି ମିଳୁଥିଲା ଏବଂ ରୋମି ସରକାର ତାଙ୍କ ଦଳକୁ ସମ୍ମାନ ଦେଉଥିଲା । ସେମାନେ ମସିହ୍‌ଙ୍କୁ ହଇରାଣ ହର୍‌କତ୍ କରୁଥିଲେ କିନ୍ତୁ ହଜରତ ମସିହଙ୍କ ଜୀବନରେ ଏପରି କୌଣସି ଆଧିପତ୍ୟତା ଆସିନାହିଁ କି ସେଥିରୁ ଜଣାପଡ଼ିବ ଯେ ସେ ପ୍ରତିଶୋଧ ନେବାର ଶକ୍ତି ରଖିଥିବା ସତ୍ୱେ ମଧ୍ୟ କ୍ଷମା ଆଚରଣ କରିଥିବେ । କିନ୍ତୁ ଏହାର ବିପରୀତ ଆଁ ହଜରତ ସ:ଆ:ସଙ୍କ ଚିରତ୍ର ଏପରି ଥିଲା କି ତାହା ଅନୁଭବ ଓ ପ୍ରୟୋଗ କ୍ଷେତ୍ରରେ ପୂର୍ଣ୍ଣସ୍ତରର ପ୍ରମାଣିତ ହୋଇଛି । ତାହା କେବଳ କଥା ନୁହେଁ ବରଂ ତାହାଙ୍କ ସତ୍ୟତାର ପ୍ରମାଣ ଆମ ପାଖରେ ଏପରି ଅଛି ଯେପରି ଗଣିତର ସୁତ୍ର ସଠିକ୍ ବିଶ୍ୱସନୀୟ ହୋଇଥାଏ ଏବଂ ଆମେ ଦୁଇ ମିଶାଣ ଦୁଇ ଚାରି ଭଳି ତାହା ପ୍ରମାଣ କରିପାରିବୁ କିନ୍ତୁ ଅନ୍ୟ କୌଣସି ନବୀଙ୍କ ଅନୁଗାମିମାନେ ଏପରି କରିପାରିବେ ନାହିଁ । ସେଥିଯୋଗୁଁ ଆପଣ ସ:ଆ:ସଙ୍କ ଉଦାହରଣ ଏପରି ଏକ ବୃକ୍ଷ ସହିତ ଦିଆଯାଇଛି ଯାହାର ଚେର, ଛାଇ, ଫୁଲ, ଫଳ, ପତ୍ର ସୁତରାଂ ପ୍ରତ୍ୟେକ ଜିନିଷ ଲାଭଦାୟକ ଓ ଅତ୍ୟନ୍ତ ହିତକାରୀ, ଆରାମ ଦାୟକ ଓ ସୁଖ ପ୍ରଦାନକାରୀ ଅଟେ । ଯେହେତୁ ଶ୍ରୀମାନ୍ **ସର୍‌ୱରେ କାଏନାତ୍ ଆଲୈହିତ୍ ତହ୍‌ୟାତ** ଙ୍କ ପରେ ଏ ଉମ୍ମତ (ସମ୍ପ୍ରଦାୟ)ରେ ଏକ ପ୍ରକାର ମତଭେଦ ସୃଷ୍ଟି ହୋଇଗଲା ସେଥିଯୋଗୁଁ ସେହି ଚରିତ୍ର ସମ୍ଭାର ଏକତ୍ରୀତ ହୋଇ ରହିଲା ନାହିଁ ବରଂ ଅଲଗା ଏବଂ ବିଭିଦ ରୂପେ ସେହି ଚରିତ୍ରର ସଂଗ୍ରହାଳୟ ବ୍ୟାପି ଗଲା । ସେଥିଯୋଗୁଁ କିଛି ଲୋକ କିଛି ଚରିତ୍ରକୁ ସହଜରେ ପ୍ରଚାର କରିପାରୁଛନ୍ତି ।

### ଆତ୍ମଶୁଦ୍ଧି ଏବଂ ସଫଳତା

ଅଲ୍ଲାଃଙ୍କର ଏପରି ନିର୍ଦ୍ଦେଶ ଅଛି କି **କଦ୍ ଅଫଲହା ମନ୍ ଜକ୍କାହା ୱ କଦ୍ ଖାବା ମନ୍ ଦସ୍‌ସାହା** (ଶମସ୍: ୧୦,୧୧) ଅର୍ଥାତ- ସେହି ବ୍ୟକ୍ତି ମୋକ୍ଷ ପ୍ରାପ୍ତ କରିବ ଯିଏ ଆତ୍ମାଶୁଦ୍ଧି କରିବ ଏବଂ ନଷ୍ଟ ହୋଇଗଲା ସେହିବ୍ୟକ୍ତି ଯିଏ ଆତ୍ମାକୁ ବିଗାଡ଼ି ଦେଲା । ଫଲାହ୍ ଶବ୍ଦଟିର ଅର୍ଥ ହେଉଛି ଫାଡ଼ିଦେବା/ଚିରିଦେବା । ଜମିକୁ ଫାଡ଼ିବା ବିଷୟ ଜାଣିଛ । ଆତ୍ମା ପବିତ୍ର କରିବା ବେଳେ ମଧ୍ୟ ଫଡ଼ାଯାଇଥାଏ । ଅହରହ ଚେଷ୍ଟା ମଣିଷର ମନକୁ ତା'ର ବିକାର ଓ କଠୋରତାକୁ ସଫାକରି ଏପରି ଯୋଗ୍ୟ ବନାଇ ଦିଏ ଯେ ସେଥିରେ ବାସ୍ତବିକ ଇମାନ୍ (ବିଶ୍ୱାସ)ର ବୃକ୍ଷ ଫଳ ଧରିବା ଯୋଗ୍ୟ ହୋଇଥାଏ । ଯେହେତୁ ପ୍ରାରମ୍ଭିକ ସ୍ତର ଓ ଲକ୍ଷ ସାଧନ କରିବାରେ ମୁତ୍‌ତକି (ଧର୍ମପରାୟଣ ବ୍ୟକ୍ତି)ଙ୍କୁ ବଡ଼ ବଡ଼ ବିପତି ଓ ଦୁଃଖକଷ୍ଟର ସମ୍ମୁଖିନ ହେବାକୁ ପଡ଼ିଥାଏ ସେଥିଯୋଗୁଁ ଫଲାହ (ସଫଳତା)ର ଅର୍ଥ କରାଯାଇଅଛି । ଅନ୍ୟ ଏକ ସ୍ଥାନରେ (ଅଲ୍ଲାଃ ତାଲା) କହୁଛନ୍ତି: **କୁତିଲଲ୍ ଖର୍‌ରାସୁନଲ୍ ଲଜିନ୍‌ହୁମ୍ ଫି ଗମ୍‌ରତିନ୍ ସାହୁନ୍** (ଜାରିୟାତ: ୧୧,୧୨) ଅଲ୍ଲାଃ ତାଲା ଅବିଶ୍ୱାସକାରୀମାନଙ୍କ ଅବସ୍ଥାକୁ ବର୍ଣ୍ଣନା କରୁଛି ଯେ ଅନୁମାନକୁ ଭିତିକରି କହୁଥିବା

*ଅବଶିଷ୍ଟାଂଶ ପୃଷ୍ଠା- ୮ ରେ ଦେଖନ୍ତୁ...*

**ନିଜର ନମୁନାକୁ ଉତମ କରନ୍ତୁ, କେବଳ ନାମକୁ ମାତ୍ର ଅହେମଦୀ ବୋଲାଇବା ଯଥେଷ୍ଟ ନୁହେଁ । ନିଜ ମଧ୍ୟରେ ତକ୍ୱା (ଧର୍ମପରାୟଣତା) ସୃଷ୍ଟି କରନ୍ତୁ ଏବଂ ତକୱା କେବଳ ନାଁରେ ନୁହେଁ ବରଂ ସତକର୍ମ ଦ୍ୱାରା ସୃଷ୍ଟି ହୋଇଥାଏ ।**

**ଖୁଦାତାଲାଙ୍କ ଉପାସନା କରିବାର ହକ୍ ସେତେବେଳେ ଦିଆଯାଇପାରେ ଯେତେବେଳେ ଆମେ ନମାଜକୁ କାଏମ୍ କରୁଥିବା । ପ୍ରତ୍ୟେକ ଅହେମଦୀ ନିଜର ନମାଜକୁ ସୁରକ୍ଷା କରିବା ପ୍ରତି ଧ୍ୟାନ ଦେବାର ଆବଶ୍ୟକତା ରହିଛି ।**

**ଯଦି ଆପଣମାନେ ନିଜେ ନାମଜ କାଏମ କରିବାବାଲା ହୋଇଯାଉଛନ୍ତି ଓ ନିଜ ସନ୍ତାନମାନଙ୍କୁ ନମାଜ ଉପରେ କାଏମ୍ ରହିବାବାଲା ବନାଇ ଦେଉଛନ୍ତି, ତେବେ ଆପଣଙ୍କର ସବୁ ତର୍‌ବିୟତି (ପ୍ରଶିକ୍ଷଣଗତ) ସମସ୍ୟାଗୁଡ଼ିକ ସ୍ୱତଃପ୍ରୃତଃଭାବେ ସମାଧାନ ହୋଇଯିବ ।**

---

## ୧୩ ତମ ଯଲ୍‌ସା ସାଲାନା ଇଟାଲୀ ଅନୁଷ୍ଠିତ ୨୧ ରୁ ୨୩ ଜୁନ୍ ୨୦୧୯ ଅବସରରେ ସୟଦ୍‌ନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା ।

**ବିସ୍‌ମିଲ୍ଲାହିର୍ ରହ୍‌ମା ନିର୍‌ରହିମ୍**

**ନହ୍‌ମଦହୁ ୱ ନୁସଲ୍ଲି ଅଲା ରସୁଲିହିଲ୍ କରିମ୍ ୱ ଆଲା ଅବ୍‌ଦିହିଲ୍ ମସିହିଲ୍ ମଉଦ**

**ଖୁଦାଙ୍କ କୃପା ଓ କରୁଣା ସହିତ**

**ହୁୱନ୍ ନାସିର୍**

**ଯମାତ ଅହେମଦୀୟା ଇଟାଲୀର ପ୍ରୀୟ ସଦସ୍ୟଗଣ !**

**ଅସ୍‌ସଲାମୋ ଆଲେଅକୁମ୍ ୱ ରହ୍‌ମୁତଲ୍ଲାହି ୱ ବର୍‌କାତୁହୁ**

ଅଲ୍‌ହମ୍‌ଦୁଲିଲ୍ଲାହ ଯମାତ୍ ଅହେମଦୀୟା ଇଟାଲୀକୁ ନିଜର ଜଲ୍‌ସା ସାଲାନା ଅନୁଷ୍ଠିତ କରିବାପାଇଁ ସୌଭାଗ୍ୟ ମିଳୁଅଛି । ଅଲ୍ଲାଃ ତାଲା ଆପଣଙ୍କର ଏହି ଜଲ୍‌ସାକୁ ପ୍ରତି କ୍ଷେତ୍ରରୁ ସଫଳ କରନ୍ତୁ ଏବଂ ଆପଣମାନଙ୍କୁ ଏହାର ଆଧାତ୍ମିକ ବର୍‌କାତ୍‌ରୁ ସମ୍ପୁର୍ଣ୍ଣରୂପେ ଲାଭ ଉଠାଇବା ପାଇଁ ଶକ୍ତି ଦିଅନ୍ତୁ । ମନେରଖ ଯେ ଏହି ଜଲ୍‌ସା ଏକ ଧାର୍ମିକ ସମ୍ମିଳନୀ ଓ ଏଥିରେ ସାମିଲ ହେଉଥିବା ଲୋକେ ଅଲ୍ଲାଃଙ୍କ ଗୁଣଗାନ ଏବଂ ତାହାଙ୍କ ସ୍ତୁତିଗାନ ଓ ପ୍ରଶଂସାଗାନ ପ୍ରତି ଧ୍ୟାନ ଦେବା ଉଚିତ । ଏଇ କିଛିଦିନ ପୂର୍ବେ ଆପଣମାନଙ୍କୁ ରମ୍‌ଜାନ୍‌ର ବାବର୍‌କତ୍ ମାସରେ ରୋଜା ରଖିବା ଓ ଉପାସନା କରିବାର ସୌଭାଗ୍ୟ ମିଳିଛି । ଆପଣମାନଙ୍କ ପାଇଁ ମୋର ଏହି ବାର୍ତା ରହିଛି ଯେ ରମଜାନ୍‌ର ଏହି ଉପାସନା ଓ ପୂଣ୍ୟ ପରିବର୍ତନକୁ ନିଜ ଆସନ୍ତା ଜୀବନର ଅଂଶବିଶେଷ ବନାନ୍ତୁ । ନିଜର ନମୁନାକୁ ଉତମ କରନ୍ତୁ । କେବଳ ନାମକୁ ମାତ୍ର ଅହେମଦୀ ବୋଲାଇବା ଯଥେଷ୍ଟ ନୁହେଁ । ନିଜ ମଧ୍ୟରେ ତକ୍ୱା (ଈଶ୍ୱରଭୟ) ସୃଷ୍ଟି କରନ୍ତୁ । ତକ୍ୱା କେବଳ ନା'ରେ ନୁହେଁ ବରଂ ସତ୍‌କର୍ମ ଦ୍ୱାରା ସୃଷ୍ଟି ହୋଇଥାଏ ।

ସୟଦନା ହଜରତ ମସିହ ମଉଦ ଆ:ସ କହୁଛନ୍ତି: ଅଲ୍ଲାଃ ତାଲା ''ଆମକୁ ଯେଉଁ କଥା ଉପରେ ମାମୁର (ନିୟୋଜିତ) କରିଛନ୍ତି ତାହା ହେଉଛି ଏହା କି ତକ୍ୱାର କ୍ଷେତ୍ର ଖାଲିପଡ଼ିଛି । ତକ୍ୱା ହେବା ଉଚିତ....... ଯଦି ତୁମମଧ୍ୟରେ ତକ୍ୱା (ଧର୍ମପରାୟଣ) ଥିବ ତେବେ ସାରା ଦୁନିଆ ତୁମ ସହିତ ରହିବ । ତେଣୁ ତକ୍ୱା ସୃଷ୍ଟି କର । ଯେଉଁ ଲୋକମାନେ ମଦିରାପାନ କରୁଛନ୍ତି ବା ଯେଉଁମାନେ ଧର୍ମ ବିଧାନରେ ମଦିରା ପାନ କରିବା ଏକ ମହାନ ଭାଗ, ସେମାନଙ୍କୁ ତକ୍ୱା ସହିତ କୌଣସି ସମ୍ପର୍କ ରହିନପାରେ । ସେମାନେ ପୂଣ୍ୟ ସହିତ ଯୁଦ୍ଧ କରୁଛନ୍ତି । ସୁତରାଂ ଯଦି ଅଲ୍ଲାଃ ତାଲା ଆମ ଯମାତ୍‌କୁ ଏପରି ସୌଭାଗ୍ୟ ପ୍ରଦାନ କରନ୍ତି ଓ ଏ ସାମର୍ଥ୍ୟ ଦିଅନ୍ତୁ ଯେ ସେମାନେ କୁକର୍ମ ସହିତ ଯୁଦ୍ଧ କରିବାବାଲା ହୁଅନ୍ତୁ ଓ ତକ୍ୱା ଓ ପବିତ୍ରତାରେ ଉନ୍ନତି କରନ୍ତୁ । ଏହା ହେଉଛି ବଡ଼ ସଫଳତା ଏହାଠାରୁ ବଳି କୌଣସି ବସ୍ତୁ ପ୍ରଭାବଶାଳୀ ହୋଇ ନ ପାରେ ।''

*(ମଲ୍‌ଫୁଜାତ୍, ଖଣ୍ଡ-୨, ପୃ-୬୪୫, ପ୍ରକାଶନ ୨୦୦୩ କାଦିୟାନ୍)*

ପୁଣି ନମାଜ ଅଛି, ଏହାର ନିୟମିତତା ବହୁତ ଜରୁରୀ । ଏଥିପ୍ରତି ମୁଁ ବାରମ୍ବାର ଧ୍ୟାନ ଆକର୍ଷଣ କରୁଅଛି । ଖୁଦାତାଲାଙ୍କ ଉପାସନାର ହକ୍ ସେତେବେଳେ ପ୍ରଦାନ ହୋଇପାରେ ଯେତେବେଳେ ଆମେ ନମାଜକୁ କାଏମ୍ କରୁଥିବା । ପ୍ରତ୍ୟେକ ଅହେମଦୀ ନିଜ ନିଜର ନମାଜର ସୁରକ୍ଷା ପ୍ରତି ଧ୍ୟାନ ଦେବା ଉଚିତ ।

ହଜରତ ମସିହ ମଉଦ ଆ:ସ କହୁଛନ୍ତି:

''ସେହି ସବୁ ପାପ ଯାହା ଭିତରେ ଭରି ରହିଛି ଏବଂ ଯାହା ଖୁଦାତାଲାଙ୍କୁ ଚିହ୍ନିବା ଓ ତାର ସାନ୍ନିଧ୍ୟ ହାସଲ କରିବାରୁ ଦୁରେଇ ରଖିଛି, ତାକୁ ପବିତ୍ର କରିବା ପାଇଁ ଏବଂ ଦୁରତାକୁ ନିକଟତର କରିବା ପାଇଁ ନମାଜ ରହିଛି । ତା' ଜରିଆରେ କୁକର୍ମକୁ ଦୁରେଇ ଦିଆଯାଏ ଏବଂ ତା ପରିବର୍ତେ ପବିତ୍ର ଭାବନାକୁ ଭରି ଦିଆଯାଏ । ଏହା ହେଉଛି ରହସ୍ୟ ଯେଉଁ କଥା କୁହାଯାଇଛି ଯେ ନାମଜ ପାପକୁ ଦୁର କରିଥାଏ ।''

ସୁତରାଂ ଆପଣମାନେ ନିଜେ ମଧ୍ୟ ନିଜର ନମାଜକୁ ସୁରକ୍ଷା କର ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ନାମଜ ଉପରେ ପ୍ରତିଷ୍ଠିତ କର । ଯେ ପର୍ଯ୍ୟନ୍ତ ଆପଣମାନେ ନିଜେ ନମାଜ ନିୟମିତ ପାଠ ନ କରିବେ । ନିଜର କାର୍ଯ୍ୟ ନମୁନା ଉପସ୍ଥାପନ ନ କରିବେ ସେ ପର୍ଯ୍ୟନ୍ତ ଆପଣଙ୍କ ସନ୍ତାନମାନେ ମଧ୍ୟ ନମାଜ ଉପରେ ପ୍ରତିଷ୍ଠିତ ହେବେ ନାହିଁ । ଯଦି ଆପଣ ନିଜେ ନମାଜକୁ କାଏମ୍ କରିବା ବାଲା ହେଉଛନ୍ତି ଓ ନିଜ ସନ୍ତାନମାନଙ୍କୁ ମଧ୍ୟ ନମାଜ ଉପରେ ପ୍ରତିଷ୍ଠିତ କରୁଛନ୍ତି ତେବେ ଆପଣଙ୍କର ସବୁ ତର୍‌ବିୟତି ସମସ୍ୟା ଆପେ ଆପେ ସମାଧାନ ହୋଇଯିବ ।

ନିଜକୁ ସୁଧାରିବା ହେଉଛି ନିୟମିତ ଏକ ଜିହାଦ୍ (ପ୍ରଚେଷ୍ଟା) ଯାହାକୁ ଅନବରତ କରିଚାଲିବା ଉଚିତ । ସର୍ବଦା ନିଜର ସମୀକ୍ଷା କରିବା ଉଚିତ । ଅଲ୍ଲାଃ ତାଲା ଆପଣ ସମସ୍ତଙ୍କୁ ନିଜ ଭିତରେ ପବିତ୍ର ପରିବର୍ତ ସୃଷ୍ଟି କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ । ଆପଣମାନଙ୍କୁ ହଜରତ ମସିହ ମୁଦ ଆ:ସଙ୍କ ଦୁଆ (ପ୍ରାର୍ଥନା) ର ଉତରାଧିକାରୀ ବନାଉ ଏବଂ ଆପଣମାନେ ସର୍ବଦା ଧର୍ମକୁ ସଂସାର ଉପରେ ଅଗ୍ରାଧିକାର ଦେବାବାଲା ହୁଅନ୍ତୁ । ଆମିନ୍ ।

**ୱସ୍‌ସଲାମ୍, ଖାକ୍‌ସାର୍**

**(ମିର୍ଜା ମସ୍‌ରୁର୍ ଅହ୍‌ମଦ୍) ଦସ୍ତଖତ**

***ଖଲିଫତୁଲ୍ ମସିହିଲ୍ ଖାମିସ୍***

*(ଅଖବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ୍ ୨୦ ସେପ୍ଟେମ୍ବର ୨୦୧୯ କୁ ଧନ୍ୟବାଦ)*

⌘⌘⌘⌘⌘⌘⌘⌘⌘⌘⌘⌘

# : ଖୁତ୍‌ବା ଜୁମା :

**ନବି କରିମ ସ:ଆ:ସ....... କହିଲେ ହେ ଇବ୍‌ନେ ରଓ୍ୱାହା ! ଅଲ୍ଲାଃ ତୁମକୁ ଦୃଢ଼ପଦ ରଖନ୍ତୁ, ହୁଶାମ୍ ବିନ୍ ଅରୁଓ୍ୱା କହିଲେ ଯେ, ଅଲ୍ଲାଃ ତାଲା ଏହି ଦୁଆର ବର୍‌କତ୍‌ରୁ ତାଙ୍କୁ ଖୁବ୍ ଦୃଢ଼ପଦ ରଖିଲେ ଏପରି କି, ସେ ଶହିଦ ହୋଇଗଲେ ଓ ତାଙ୍କ ପାଇଁ ବୈକୁଣ୍ଠର ଦ୍ୱାରକୁ ଖୋଲିଦିଆଗଲା ।**

**ନିଷ୍ଠା ଓ ଭକ୍ତିଭାବରେ ପରିପୂର୍ଣ୍ଣ ବଦରୀ ସାହାବି ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ରଜିଅଲାହୋ ଅନ୍‌ହୁଙ୍କ ପବିତ୍ର ଜୀବନ ଚରିତର ଗୁଣଗାରିମା ବର୍ଣ୍ଣନା ।**

**ଊଣା ଅଧିକେ ୩୦ ବର୍ଷ ପର୍ଯ୍ୟନ୍ତ ଫଜ୍‌ଲେ ଉମର୍ ହସ୍ପିଟାଲରେ ସେବା କରିବାବାଲା, ଗରିବଙ୍କ ସାହାଯ୍ୟକାରୀ, ଦୁଆଗୁ, ଧୈର୍ଯ୍ୟବାନ ଓ କୃତଜ୍ଞ ଡ଼ାକ୍ତର ଲତିଫ ଅହେମଦ୍ କୁରୈଶି ସାହେବଙ୍କ ଦେହାନ୍ତ, ମରହୁମ୍‌ଙ୍କ ଉତମଗୁଣାବଳୀର ଚର୍ଚ୍ଚା ଏବଂ ନମାଜ ଯନାଜାଃ ଗାଏବ୍ ପାଠ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍ ଅ:ବ**
**(ପ୍ରଦତ୍ତ: ୨୪ ଜାନୁୟାରୀ ୨୦୨୦ ଅନୁଯାୟୀ ୨୪ ସୁଲାହ୍ ୧୩୯୯ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲ୍ଲେଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

أَشْهَدُ أَنْ لَّا إِلٰهَ إِلَّا اللّٰهُ وَحْدَهٗ لَا شَرِيْكَ لَهٗ وَأَشْهَدُ أَنَّ مُحَمَّدًا عَبْدُهٗ وَرَسُوْلُهٗ
أَمَّا بَعْدُ فَأَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- إِيَّاكَ نَعْبُدُ وَإِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ أَنْعَمْتَ عَلَيْهِمْ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-

ଆଜି ଯେଉଁ ସାହାବୀଙ୍କର ଚର୍ଚ୍ଚା କରାଯିବ ତାଙ୍କ ନାମ ହେଉଛି, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ । ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କ ବାପାଙ୍କ ନାମ ଥିଲା । ରଓ୍ୱାହା ବିନ୍ ସାଲ୍‌ବା ଏବଂ ତାଙ୍କ ମାଆଙ୍କ ନାମ କବ୍‌ଶା ବିନ୍ତ ଓ୍ୱାକିଦ୍ ବିନ୍ ଅମ୍‌ରୋ ଯିଏ ଅନ୍‌ସାରଙ୍କ ଖଜ୍‌ରଜ୍ କବିଲାର ବନୁ ହାରିସ୍ ବିନ୍ ଖଜ୍‌ରଜ୍ ବଂଶୀୟ ଥିଲେ । ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ବୟତେ ଅକ୍‌ବାରେ ସାମିଲ ହୋଇଥିଲେ । ଏବଂ ବନୁ ହାରିସ୍ ବିନ୍ ଖଜ୍‌ରଜ୍ ର ସେ ସର୍ଦ୍ଦାର ଥିଲେ । ତାଙ୍କର କୁନିୟତ ଅବୁ ମୁହମ୍ମଦ୍ ଥିଲା ଓ କେତେକ ଅବୁ ରଓ୍ୱାହା ଏବଂ ଅବୁ ଅମ୍‌ରୋ ମଧ୍ୟ ବର୍ଣ୍ଣନା କରିଛନ୍ତି । *(ଉସଦୁଲ୍ ଗାବାଃ ଖଣ୍ଡ-୩, ପୃ-୨୩୫, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮)*

ଅନ୍‌ସାରଙ୍କ ମଧ୍ୟରୁ ଜଣେ ବ୍ୟକ୍ତି ବର୍ଣ୍ଣନା କରୁଛନ୍ତି ଯେ, ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଏବଂ ହଜରତ ମିକ୍‌ଦାଦ୍ ର:ଅଙ୍କ ମଧ୍ୟରେ ମୁଆଖାତ୍ (ଭାତୃଭାବ) ପ୍ରତିଷ୍ଠା କରିଥିଲେ । ଇବ୍‌ନେ ସାଆଦ୍‌ଙ୍କ ମୁତାବକ ସେ ନବି ଆ:ସଙ୍କ କାତିବ୍(ଲେଖକ) ମଧ୍ୟ ଥିଲେ । *(ଅଲ୍ ଅସାବା.... ଖଣ୍ଡ-୪, ପୃ-୭୩ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୫) ।*

ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ବଦର ଯୁଦ୍ଧ, ଓ୍ୱହଦ୍, ଖନ୍ଦକ, ହୁଦୈବା, ଖୈବର୍ ଏବଂ ଉମରତୁଲ୍ କଜା ସମେତ ସମସ୍ତ ଗଜ୍‌ଓ୍ୱାତ୍ (ଯୁଦ୍ଧ) ରେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ସାମିଲ ହୋଇଥିଲେ । ସେ ମୌତା ଯୁଦ୍ଧରେ ଶହୀଦ ହୋଇଥିଲେ । ମୌତା ଯୁଦ୍ଧର ସର୍ଦ୍ଦାରମାନଙ୍କ ମଧ୍ୟରୁ ସେ ମଧ୍ୟ ଜଣେ ସର୍ଦ୍ଦାର ଥିଲେ ।

ଗୋଟିଏ ରିଓ୍ୱାୟତ ରେ ଆସୁଛି ଯେ, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ନବି କରିମ୍ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ସେତେବେଳେ ନବି କରିମ୍ ସ:ଆ:ସ ଖୁତ୍‌ବା ପ୍ରଦାନ କରୁଥିଲେ । ଖୁତ୍‌ବା ଚାଲିଥିବା ସମୟରେ ଆଁ ହଜରତ ସ:ଆ:ସ କହିଲେ ବସି ଯାଅ, ଏକଥା ଶୁଣିବା ମାତ୍ରେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମସ୍‌ଜିଦ୍‌ର ବାହାରେ ଯେଉଁଠି ସେ ଛିଡ଼ା ହୋଇଥିଲେ, ସେହିଠାରେ ହିଁ ସେ ବସିପଡ଼ିଲେ । ଯେତେବେଳେ ନବି କରିମ୍ ସ:ଆ:ସ ଖୁତ୍‌ବା ଶେଷ କଲେ ଓ ଏ ଖବର ଆପଣ ସ:ଆ:ସଙ୍କୁ ପହଚିଂଲା ସେତେବେଳେ ଆପଣ ସ:ଆ:ସ ତାଙ୍କୁ କହିଲେ ***ଯାଦ୍‌କଲ୍ଲାହୁ ହିରସନ୍ ଆଲା ତଓ୍ୱାଇୟତିଲ୍ଲାହି ଓ୍ୱ ତଓ୍ୱାଇୟତି ରସୁଲିହି*** ଅର୍ଥାତ ଅଲ୍ଲାଃଙ୍କ ଆଜ୍ଞା ବହତା ସ୍ୱୀକାର କରିବା ଏବଂ ତାହାଙ୍କ ରସୁଲ୍ ସ:ଆ:ସଙ୍କ ଆଜ୍ଞାବହତା ସ୍ୱୀକାର କରିବାରେ ଅଲ୍ଲାଃ ତୁମକୁ ଆହୁରି ଅଧିକ ବଢ଼ାନ୍ତୁ । ସେହିପରି ଘଟଣା ହଦୀସ୍‌ର ପୁସ୍ତକ ଗୁଡ଼ିକରେ ମଧ୍ୟ ମିଳିଥାଏ ଯେମିତି ହଜରତ ଅବଦୁଲ୍ଲାଃ ବିନ୍ ମସଉଦ୍ ର:ଅଙ୍କ ସମ୍ବନ୍ଧରେ ମଧ୍ୟ ମିଳୁଛି । ଏବଂ ତାଙ୍କ ସମ୍ବନ୍ଧରେ ଥିବା ଘଟଣା ବିଷୟରେ ମୁଁ ଗୋଟିଏ ଖୁତ୍‌ବାରେ ବର୍ଣ୍ଣନା କରିସାରିଛି । ହଜରତ ଅବଦୁଲ୍ଲାଃ ବିନ୍ ମସ୍‌ଉଦ୍ ର:ଅ ମଧ୍ୟ ବାହାରେ ବସିଥିଲେ, ଯେତେବେଳେ ଶୁଣିଲେ ସେତେବେଳେ କବାଟ ନିକଟରେ ବସିପଡ଼ିଲେ ଓ ସେହିଭଳି ବସି ବସି ଭିତରକୁ ଆସିଲେ ।

ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଜିହାଦ୍ କିରିବାପାଇଁ ସବୁଠାରୁ ପ୍ରଥମେ ଘରୁ ବାହାରୁଥିଲେ ଏବଂ ସମସ୍ତଙ୍କ ପରେ ଘରକୁ ଫେରୁଥିଲେ । ହଜରତ ଅବୁ ଦର୍‌ଦାଆ ର:ଅ କହୁଛନ୍ତି ଯେ, ମୁଁ ସେହି ଦିନଠାରୁ ଅଲ୍ଲାଃଙ୍କର ଶରଣ ଭିକ୍ଷା କରୁଛି, ଯେଉଁଥିରେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କ ଚର୍ଚ୍ଚା ନ କରେ । ଯେତେବେଳେ ସେ ସାମ୍‌ନାରେ ଆସି ମୋ ସହିତ ମିଳନ୍ତି ସେତେବେଳେ ମୋ ଛାତି ଉପରେ ହାତ ରଖନ୍ତି ଅର୍ଥାତ ଏପରି ଥିଲା କି ପ୍ରତ୍ୟେକ ଦିନ ଯେତେବେଳେ ମଧ୍ୟ ସେ ମିଳୁଥିଲେ ଏବଂ ପ୍ରତ୍ୟେକ ମିଳୁଥିଲେ ସେତେବେଳେ ମଧ୍ୟ ତାଙ୍କର କଥା ଏପରି ଥିଲା ଯେ ତାଙ୍କର ଚର୍ଚ୍ଚା କରିବା ଜରୁରୀ ଅଟେ ଏବଂ ପୁଣି ଆଗକୁ ବର୍ଣ୍ଣନା କରି କହୁଛନ୍ତି ଯେ, ଯେତେବେଳେ ମଧ୍ୟ ସେ ମୋ ସମ୍ମୁଖକୁ ଆସନ୍ତି ଅର୍ଥାତ ମୋ ସହିତ ସାକ୍ଷାତ କରିବାପାଇଁ ଆସନ୍ତି ମୋ ଛାତି ଉପରେ ହାତ ରଖିଦିଅନ୍ତି । ହଜରତ ଅବୁ ଦର୍‌ଦାଆ ର:ଅ କହୁଛନ୍ତି ଯେତେବେଳେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମୋ ସହିତ ସାକ୍ଷାତ କରି ଫେରିଯାଆନ୍ତି ସେତେବେଳେ ମୋ କାନ୍ଧ ମଝିରେ ହାତ ରଖି ମତେ କହନ୍ତି ଯେ, ***ୟା ଉଓ୍ୱେଇମିର୍ ଇଜ୍‌ଲିସ୍ ଫଲ୍‌ନୁମିନ୍ ସାଅତନ୍*** ଅର୍ଥାତ ହେ ଓ୍ୱେଇମିର୍ ! କିଛି ସମୟ ବସ ଇମାନ୍ ତାଜା କରିବା ସୁତରାଂ ଅମେ ବସୁଥିଲୁ ଓ ଅଲ୍ଲାଃଙ୍କ ଇଚ୍ଛା ମୁତାବକ ଆମେ ଅଲ୍ଲାଃ ତାଲାଙ୍କ ଚର୍ଚ୍ଚା କରୁଥିଲୁ । ପୁଣି ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ କହୁଥିଲେ ଯେ, ହେ ଓ୍ୱେଇମିର୍ ଏହା ହେଉଛି ଇମାନ୍ ର ମଜ୍‌ଲିସ୍ । *(ଉସଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୨୩୫ ରୁ ୨୩୬ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮) (ଅଲ୍ ଇସ୍‌ତିଆବ୍...... ଖଣ୍ଡ-୩, ପୃ-୩୪, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୧୦) (ସୁନନେ ଅବୁ ଦାଉଦ୍ କିତାବୁସ୍ ସଲାତ୍...... ହଦିସ୍ ୧୦୯୧)*

ହଜରତ ଇମାମ୍ ଅହେମଦ୍‌ଙ୍କ ପୁସ୍ତକ ''କିତାବୁଲ୍ ଜୁହଦ୍'' ରେ ବର୍ଣ୍ଣନା କରୁଛନ୍ତି ଯେ, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଯେତେବେଳେ କୌଣସି ସାଙ୍ଗ ସହିତ ମିଳୁଥିଲେ ସେତେବେଳେ କହୁଥିଲେ ଆସ ଘଂଟାଏ ବସି ନିଜ ପାଳନକର୍ତାଙ୍କ ଉପରେ ଇମାନ୍ ଆଣିବାର କଥାକୁ ତାଜା କରିବା । ସେହି ପୁସ୍ତକରେ ବର୍ଣ୍ଣିତ ଅଛି ଯେ, ନବି କରିମ୍ ସ:ଆ:ସ କହୁଛନ୍ତ କି, ଅଲ୍ଲାଃ ତାଲା ଇବ୍‌ନେ ରଓ୍ୱାହା ର:ଅଙ୍କ ଉପରେ ଦୟା କରନ୍ତୁ । ତାଙ୍କୁ ଏପରି ମଜ୍‌ଲିସ୍ ସହିତ ପ୍ରେମ ହୋଇଛି ଯାହା ଉପରେ ଫରିସ୍ତା ଗର୍ବ କରୁଛନ୍ତି ।

ହଜରତ ଅବୁ ହୁରୈରାଃ ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ନବି କରିମ୍ ସ:ଆ:ସ କହିଲେ ***ନେମର୍ ରଜୁଲୁ ଅବଦୁଲ୍ଲାହିବ୍‌ନୁ ରଓ୍ୱାହାଃ*** ଅର୍ଥାତ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ କେଡ଼େ ଭଲ ଲୋକ ଅଟନ୍ତି । ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କୁ ଖୈବର୍ ବିଜୟ ପରେ ଫଳ ଓ ଫସଲ ଇତ୍ୟାଦିର ଆକଳନ କରିବାପାଇଁ ଆଁ ହଜରତ ସ:ଆ:ସ ପଠାଇଥିଲେ । ଏକଦା ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଏତେ ବିମାର ହୋଇଗଲେ ଯେ, ସେ ବେହୋସ୍

ହୋଇଗଲେ ନବି କରିମ୍ ସ:ଆ:ସ ତାଙ୍କ ଇୟାଦତ୍ (ଅର୍ଥାତ ତାଙ୍କୁ ଦେଖିବା ପାଇଁ ଗଲେ) ଓ କହିଲେ ହେ ଅଲ୍ଲାଃ ! ଯଦି ତାଙ୍କର ନିର୍ଦ୍ଦିଷ୍ଟ ସମୟ ଆସିଯାଇଛି । ତେବେ ତାଙ୍କ ପାଇଁ ଏହା ସହଜ କରିଦିଅନ୍ତୁ । ଅର୍ଥାତ ଯଦି ତାଙ୍କ ମୃତ୍ୟୁର ସମୟ ଆସିଯାଇଛି । ତେବେ ତାଙ୍କ ପାଇଁ ଏହା ଆରାମ କରିଦିଅନ୍ତୁ ଏବଂ ଯଦି ନିର୍ଦ୍ଦିଷ୍ଟ ସମୟ ଆସିନାହିଁ । ତେବେ ତାଙ୍କୁ ଆରୋଗ୍ୟ ପ୍ରଦାନ କରନ୍ତୁ । ଏହି ଦୁଆ କରିବାପରେ ହଜରତ ଅବ୍ଦୁଲ୍ଲାଃଙ୍କ ଜ୍ୱର୍ କିଛି କମ୍ ହୋଇଗଲା । ଏହା ଅନୁଭବ କରିବା ପରେ ସେ କହିଲେ । ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ମୋ ମାଆ ଏକଥା କହୁଥିଲେ ଯେ, ହେ ମୋର ପାହାଡ଼, ହେ ମୋର ସାହାରା. ଯେତେବେଳେ ମୁଁ ବେମାର ପଡ଼ିଥିଲି ସେତେବେଳେ ମୁଁ ଦେଖିଲି ଯେ, ଜଣେ ଫରିସ୍ତା ଲୁହାର ଗୋଟିଏ ଗଦା ଉଠାଇ ଛିଡ଼ା ହୋଇ ଏକଥା କହୁଥିଲେ ଯେ, କଣ ତୁମେ ବାସ୍ତବରେ ଏପରିସ ଅଟ ? ଏଥିରେ ମୁଁ କହିଲି ଏହା ଶୁଣି ସେ ମତେ ଉକ୍ତ ଗଦା ଦ୍ୱାରା ମାରିଲେ ।

ଆଉ ଗୋଟିଏ ରିୱାୟତ ଏ ସମ୍ବନ୍ଧରେ ମଧ୍ୟ ମିଳୁଛି ଓ ଏହା ଅଧିକ ସଠିକ୍ ଲାଗୁଛି । ସେ କହୁଛନ୍ତି ଯେ, ଫରିସ୍ତା ଜଣକ ଗୋଟିଏ ଲୁହାର ଗଦା ଉଠାଇ ଛିଡ଼ା ହୋଇଥିଲା ଓ ମତେ ପଚାରୁଥିଲା ଯେ, କଣ ତୁମ ସେହିପରି ଅଟ ଯେପରି ତୁମ ମାଆ ତୁମକୁ କହୁଥିଲେ । ଅର୍ଥାତ ତୁମେ ପାହାଡ଼ ଅଟ, ମୋ ସାହାରା ଅଟ ? ଏହା ତ ଶିର୍କ (ଅନ୍ୟକୁ ଈଶ୍ୱରଙ୍କ ସମଖ୍ୟକ କରିବା) ଭଳି କଥା ଅଟେ । ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ କହୁଛନ୍ତି ଯେ, ଯଦି ମୁଁ ଏକଥା କହିଥାନ୍ତି ଯେ, ହଁ ମୁଁ ସେହିଭଳି ଅଟେ । ତେବେ ସେ ନିଶ୍ଚିତ ରୂପେ ମତେ ଗଦା ଦ୍ୱାରା ମରିଥାନ୍ତି । *(ତବକାତୁଲ୍ କୁବ୍ରା, ଖଣ୍ଡ-୨, ପୃଷ୍ଠା-୪୧୭ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଦାରୁଲ୍ ଫିକର୍ ୨୦୧୨) ।*

ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଶାୟର୍ (କବି) ମଧ୍ୟ ଥିଲେ ଓ ଏପରି କବିମାନଙ୍କ ମଧ୍ୟରୁ ଥିଲେ ଯେଉଁମାନେ ନବି କରିମ୍ ସ:ଆ:ସଙ୍କ ତରଫରୁ ବିରୋଧିମାନଙ୍କ ଗାଳିଗୁଲଜର୍ ଜବାବ ଦଉଥିଲେ । ସେହି ପଦଗୁଡ଼ିକ ମଧ୍ୟରୁ କିଛି ପଦ ଏପରି

**ଇନ୍ନି ତଫର୍ରସ୍ତୁ ଫିକାଲ୍ ଖୈରା ଆରିଫୁହୁ**

**ୱଲ୍ଲାହୁ ୟାଲମୁ ଅନ୍ ମା ଖାନ୍ନିଲ୍ ବସରୁ**

**ଅନ୍ତା ଅନ୍ନବିୟୁ ୱ ମନ୍ ୟୁହ୍‌ରମ୍ ଶଫାଅତହୁ**

**ୟୋମଲ୍ ହିସାବି ଫକଦ୍ ଅଜ୍‌ରା ବିହିଲ୍ କଦରୁ**

**ଫସବ୍‌ବତଲ୍ଲାହୁ ମା ଅତାକା ମିନ୍ ହସନିନ୍**

**ତସ୍‌ବିତା ମୁସା ୱ ନସ୍‌ରନ୍ କଲ୍ଲଜି ନୁସିରୁ**

ଅର୍ଥାତ ମୁଁ ଆପଣ ସ:ଆ:ସଙ୍କ ପବିତ୍ର ଅସ୍ତିତ୍ୱରେ ଅର୍ଥାତ ଆଁ ହଜରତ ସ:ଆ:ସଙ୍କ ଅସ୍ତିତ୍ୱରେ ଭଲ କଥାକୁ ଚିହ୍ନିପାରିଥିଲି ଏବଂ ଅଲ୍ଲାଃ ଜାଣିଛନ୍ତି ଯେ, ମୋ ଆଖି ଧୋକା ଖାଇନାହିଁ । ଆପଣ ସ:ଆ:ସ ନବି ଅଟନ୍ତି । କୟାମତ ଦିନ ଯେଉଁ ବ୍ୟକ୍ତି ଆପଣ ସ:ଆ:ସଙ୍କ ସୁପାରିଶ୍‌ରୁ ବଂଚିତ କରିଦିଆଗଲା ନିଶ୍ଚିତରୂପେ ନିୟତି ତାକୁ ବ୍ୟର୍ଥ କରିଦେଲା ତେଣୁ ଅଲ୍ଲାଃ ସେହି ସୁଗୁଣଗୁଡ଼ିକ ଉପରେ ପ୍ରତିଷ୍ଠିତ ରଖୁ ଯାହା ସେ ଆପଣ ସ:ଆ:ସଙ୍କୁ ପ୍ରଦାନ କରିଛନ୍ତି ଯେଉଁଭଳି ମୁସା ଆ:ସଙ୍କୁ ପ୍ରତିଷ୍ଠିତ ଓ ଦୃଢ଼ପଦ ରଖିଲେ ଏବଂ ଅଲ୍ଲାଃ ଆପଣ ସ:ଆ:ସଙ୍କୁ ସାହାଯ୍ୟ କରନ୍ତୁ କେମିତି ସେ ସେହି ନବିମାନଙ୍କୁ ସାହାଯ୍ୟ କରିଛନ୍ତି ।

ନବି କରିମ୍ ସ:ଆ:ସ ଏହି ପଦଗୁଡ଼ିକୁ ଶୁଣି କହିଲେ ହେ ଇବ୍‌ନେ ରୱାହା ! ଅଲ୍ଲାଃ ତୁମକୁ ଦୃଢ଼ପଦ ରଖନ୍ତୁ । ହୁଶାମ୍ ବିନ୍ ଅରୱାହ କହୁଛନ୍ତି ଯେ, ଅଲ୍ଲାଃ ତାଙ୍କୁ ଏହି ଦୁଆର ବର୍‌କତ୍‌ରୁ ଖୁବ୍ ଦୃଢ଼ପଦ ରଖିଲେ ଏପରି କି ସେ ଶହିଦ ହୋଇଗଲେ ଏବଂ ତାଙ୍କ ପାଇଁ ବୈକୁଣ୍ଠର ଦ୍ୱାରକୁ ଖୋଲିଦିଆଗଲା । ସେ ସେଥିରେ ଶହିଦ୍ ହୋଇ ପ୍ରବେଶ କଲେ ।

ଇବ୍‌ନେ ସାଆଦ୍ ରିୱାୟତ କରୁଛନ୍ତି ଯେ, ଯେତେବେଳେ ଏ ଆୟତ ଅବତୀର୍ଣ୍ଣ ହେଲା ଅର୍ଥାତ ***ୱଶ୍‌ଶୁଅରାଉ ୟତ୍ତବିଉହୁମୁଲ୍ ଗାଉନ୍*** (ଅଶ୍‌ଶୁଅରାଆ: ୨୨୫) ଅର୍ଥାତ ଯେଉଁ ଶାୟରମାନେ ଅଛନ୍ତି ସେମାନେ ରାସ୍ତାରୁ ଭଟକିଯାଇ ସେମାନଙ୍କର ଅନୁଶରଣ କରୁଛନ୍ତି ଏଥିରେ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ କହିବାକୁ ଲାଗିଲେ ଯେ, ଅଲ୍ଲାଃ ତାଲା ଖୁବ୍ ଜାଣିଛନ୍ତି କି, ମୁଁ ସେମାନଙ୍କ ମଧ୍ୟରେ ଅଛି । ଏଥିରେ ଅଲ୍ଲାଃ ତାଲା ଏହି ଆୟତ ଅବତୀର୍ଣ୍ଣ କଲେ ଅର୍ଥାତ ***ଇଲ୍ଲଲ୍ ଲଜିନା ଆମନୁ ୱ ଅମିଲୁସ୍ ସ୍ୱାଲିହାତି*** (ଅଶ୍‌ଶୁଅରାଆ: ୨୨୮) ଅର୍ଥାତ ସେମାନଙ୍କ ବ୍ୟତିତ ଯେଉଁମାନେ ସେମାନଙ୍କ ମଧ୍ୟରୁ ଇମାନ୍ ଆଣିଛନ୍ତି ଏବଂ ପୂଣ୍ୟ କର୍ମ କରୁଛନ୍ତି । ମୁଅଜମୁଶ୍‌ଶୁଅରାଆ ର ଲେଖକ ଏହା ଲେଖୁଛନ୍ତି ଯେ, ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଜାହିଲିୟତ ଯୁଗରେ ମଧ୍ୟ ବହୁତ ସମ୍ମାନ ଅଧିକାରି ଥିଲେ ଏବଂ ଇସ୍‌ଲାମ ଯୁଗରେ ମଧ୍ୟ ତାଙ୍କୁ ବହୁତ ଉଚ୍ଚତମ ସ୍ଥାନ ଓ ପଦମର୍ଯ୍ୟାଦା ହାସଲ ହୋଇଥିଲା । ଆଁ ହଜରତ ସ:ଆ:ସଙ୍କ ସମ୍ମାନରେ ଗୋଟିଏ ଶେର୍ ହଜରତ ଅବ୍ଦୁଲ୍ଲା ର:ଅ ଏପରି କହିଛନ୍ତି ଯେ, ତାହାକୁ ଅବ୍ଦୁଲ୍ଲାଃ ର:ଅଙ୍କର ସର୍ବୋତମ ଶେର୍ (ପଦ) କୁହାଯାଇପାରେ । ସେହି ଶେର୍ ଟି ତାଙ୍କର ମନୋଭାବକୁ ଖୁବ୍ ବ୍ୟକ୍ତ କରୁଅଛି ଯେଉଁଥିରେ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଆଁ ହଜରତ ସ:ଆ:ସଙ୍କୁ ସମ୍ବୋଧନ କରି କହୁଛନ୍ତି,

***ଲୌ ଲମ୍ ତକୁନ୍ ଫିହି ଆୟାତୁନ୍ ମୁବୟିନତୁନ୍ କାନତ୍ ବଦିହତୁହୁ ତୁନ୍‌ବିକା ବିଲ୍‌ଖବ୍‌ରି***

ଅର୍ଥାତ ଯଦି ହଜରତ ମୁହମ୍ମଦ୍ ମୁସ୍ତଫା ସ:ଆ:ସଙ୍କ ଅସ୍ତିତ୍ୱ ସମ୍ବନ୍ଧରେ ଖୋଲାଖୋଲା ନିର୍ଦ୍ଦଶନ ଏବଂ ଜାଜଲ୍ୟମାନ ଐଶି ଚମତ୍କାରିତା ମଧ୍ୟ ନଥାନ୍ତା ତେବେ ମଧ୍ୟ ଆପଣ ସ:ଆ:ସଙ୍କ ଅସ୍ତିତ୍ୱ ହିଁ ବାସ୍ତବିକ ଅବସ୍ଥାକୁ ସୂଚାଇଦେବା ପାଇଁ ଯଥେଷ୍ଟ ଅଟେ । *(ଅଲ୍ ଅସାବା...... ଲେ ଇବ୍‌ନେ ହଜ୍‌ରେ ଅସ୍‌କଲାନି ଖଣ୍ଡ-୪, ପୃ-୭୨ ରୁ ୭୫ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୫) (ଉସଦୁଲ୍ ଗାବାଃ ଖଣ୍ଡ-୩, ପୃ-୨୩୬ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୨୦୦୮) (ତବକାତୁଲ୍ କୁବରା, ଖଣ୍ଡ-୩, ପୃ-୪୦୧ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲମିୟା ବେରୁତ ୧୯୯୦) ।*

ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଜାହିଲିୟତ ଯୁଗରେ ଲେଖିବା ପଢ଼ିବା ଜାଣିଥିଲେ ଯେବେ କି, ସେ ସମୟରେ ଆରବୀୟମାନଙ୍କ ମଧ୍ୟରେ ଲେଖିବାବାଲା ବହୁତ କମ୍ ଥିଲେ । ବଦର୍ ଯୁଦ୍ଧର ପରିସମାପ୍ତିରେ ନବି କରିମ୍ ସ:ଆ:ସ ହଜରତ ଜଏଦ୍ ବିନ୍ ହାରିସାଃ ର:ଅଙ୍କୁ ମଦିନାଆଡ଼କୁ ଏବଂ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ଅୱାଲି ଆଡ଼କୁ ବିଜୟର ସୁସମାଚାର ଶୁଣାଇବାପାଇଁ ବଦର୍ ର ରଣକ୍ଷେତ୍ରରୁ ହିଁ ପ୍ରେରଣ କରିଥିଲେ । ଅୱାଲି ହେଉଛି ମଦିନାର ଉପରମୁଣ୍ଡରେ ଥିବା ସେହି ଇଲାକା ଯାହା ଚାରିମାଇଲରୁ ନେଇଁ ୮ ମାଇଲ ପର୍ଯ୍ୟନ୍ତ ବ୍ୟାପି ରହିଛି । ସେଥିରେ କୁବାର ବସ୍ତି ଏବଂ କିଛି କବିଲା ରହୁଛନ୍ତି । ହଜରତ ସଇଦ ବିନ୍ ଯୁବୈର୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ମସ୍‌ଜିଦ୍ ହରାମ୍‌ରେ ଓଟ ଉପରେ ବସି ପ୍ରବେଶ କଲେ । ଆପଣ ସ:ଆ:ସ ଲାଠି ସାହାଯ୍ୟରେ ହଜ୍‌ରେ ଅସୱଦ୍‌କୁ ଚୁମା ଦେଉଥିଲେ । ସେ ସମୟରେ ଆପଣ ସ:ଆ:ସଙ୍କ ସାଥିରେ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ମଧ୍ୟ ଥିଲେ ଓ ସେ ଆପଣ ସ:ଆ:ସଙ୍କ ଓଟର ଲଗାମକୁ ଧରି ଏହି ଏହି ପଦଗୁଡ଼ିକୁ କହି ଚାଲୁଥିଲେ ।

**ଖଲ୍ଲୁ ବନିଲ୍ କୁଫ୍‌ଫାରି ଅନ୍ ସବିଲିହ୍**

**ନେହ୍‌ନୋ ଜର୍‌ବନାକୁମ୍ ଅଲା ତାୱିଲିହ୍**

**ଜର୍‌ବଇଁ ୟୁଜିଲୁଲ୍ ହାମା ଅନ୍ ମକିଲି**

ଅର୍ଥାତ ହେ ଅବିଶ୍ୱାସକାରୀମାନେ ! ଆଁ ହଜରତ ସ:ଆ:ସଙ୍କ ରାସ୍ତାରୁ ହଟିଯାଅ ଆମେ ଆଁ ହଜରତ ସ:ଆ:ସଙ୍କ ଲେଉଟିବାରେ ତୁମକୁ ଏପରି ମାରିଛୁ ଯାହା ମୁଣ୍ଡକୁ ଆରାମ ସ୍ଥାନରୁ ହଟାଇ ଦେବ ।

ହଜରତ କୈସ୍ ଅବୁ ହାଜିମ୍‌ଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅଙ୍କୁ କହିଲେ ଓହ୍ଲାଅ ଓ ଆମ ଓଟକୁ ହର୍‌କତ୍ ଦିଅ ଅର୍ଥାତ କିଛି ପଦ କହି ଓଟକୁ ତେଜ୍ କରିଦିଅ ଏହାକୁ ଆରବୀ ଭାଷାରେ ହୁଦି କୁହାଯାଏ ଏଥିରେ ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ମୁଁ ଏପରି କହିବା ଛାଡ଼ି ଦେଇଛି । ଏଥିରେ ହଜରତ ଉମର୍ ର:ଅ କହିଲେ । ଶୁଣ ଓ ଆଜ୍ଞାପାଳନ କର ସୁତରାଂ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅ ନିମ୍ନଲିଖିତ ପଦଗୁଡ଼ିକୁ ନିଜ ଓଟରୁ ଓହ୍ଲାଇଲେ ।

**ୟା ରବି ଲୌଲା ଅନ୍‌ତା ମହ୍‌ତଦେନା**

**ୱଲା ତସଦ୍ଦକନା ୱଲା ସଲ୍ଲୈନା**

**ଫ ଅନ୍‌ଜିଲନ୍ ସକିନତନ୍ ଅଲୈନା**

**ୱସବ୍‌ବିତିଲ୍ ଅକ୍‌ଦାମା ଇନ୍ ଲାକୈନା**

**ଇନ୍ନଲ୍ କୁଫାରା କଦ୍ ବଗୋ ଅଲୈନା**

ଅର୍ଥାତ ହେ ପାଳନକର୍ତ୍ତା ! ଯଦି ତୁମେ ନଥାନ୍ତ ତେବେ ଆମ୍ଭେମାନେ ହିଦାୟତ ପାଇନଥାନ୍ତୁ ସଦ୍‌କା ଓ୍ୱଖେରାତ୍ (ଦାନପୂଣ୍ୟ) କରିନଥାନ୍ତୁ । ନମାଜ ପଢ଼ିନଥାନ୍ତୁ ଆମ ଉପରେ ଶାନ୍ତି ଅବତୀର୍ଣ୍ଣ କର ଏବଂ ଯେତେବେଳେ ଆମେ ଶତ୍ରୁଙ୍କ ସହିତ ମୁକାବିଲା କରୁ ସେତେବେଳେ ଆମ ପାଦକୁ ଦୃଢ଼ ରଖ କାରଣ କୁଫାର୍ (ଅବିଶ୍ୱାସକାରୀମାନେ) ଆମ ଉପରେ ଆକ୍ରମଣ କରୁଛନ୍ତି । ଆଉ ଅନ୍ୟ ରାୱିମାନେ ନିମ୍ନଲିଖିତ ପଂକ୍ତିଟିକୁ ବଢ଼ାଇଦେଇଥିଲେ ।

***ୱଇନ୍ ଅରାଦୁ ଫିତ୍‌ନତନ୍ ଅବୈନା***

ଅର୍ଥାତ ଯଦି ସେମାନେ ବିଭ୍ରାଟ ସୃଷ୍ଟି କରିବାକୁ ଚାହିଁବେ ତେବେ ଆମେ ଅସ୍ୱୀକାର କରୁଅଛୁ ଅର୍ଥାତ ଉକ୍ତ ବିଭ୍ରାଟର ମୁଳପାଟନ କରୁଅଛୁ ଓ ତାହାକୁ କରାଇଦେବୁନାହିଁ । ରାୱି କହୁଛନ୍ତି ଯେ, ଏଥିରେ ନବି କରିମ୍ ସ:ଆ:ସ କହିଲେ । ହେ ଅଲ୍ଲାଃ ! ଆଙ୍କ ଉପରେ କରୁଣାକର ଏଥିରେ ଉମର୍ ର:ଅ କହିଲେ ଯେ, ଏହା ଧାର୍ଯ୍ୟ ହୋଇଗଲା ଅର୍ଥାତ ଆଁ ହଜରତ ସ:ଆ:ସଙ୍କ ଦୁଆ ଯୋଗୁଁ ଏହି କରୁଣା ତାଙ୍କ ଉପରେ ଧାର୍ଯ୍ୟ ହୋଇଗଲା ।

ହଜରତ ଉବାଦାଃ ବିନ୍ ସାମିତ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ହଜରତ ଅବ୍ଦୁଲ୍ଲାଃ ବିନ୍ ରୱାହା ର:ଅଙ୍କୁ ଇଆଦତ୍ (ଅର୍ଥାତ ବେମାର ଅବସ୍ଥାରେ ଦେଖିବାପାଇଁ) ଗଲେ ସେ ଆପଣ ସ:ଆ:ସଙ୍କ ପାଇଁ ନିଜକୁ ବିଛଣାରୁ ଉଠିପାରିଲେ ନାହିଁ । ଆପଣ ସ:ଆ:ସ କହିଲେ କ'ଣ ତୁମେ ଜାଣିଛ କି, ମୋ ଉମତ୍‌ର କେଉଁ ଶହିଦ୍ ଅଟନ୍ତି ? ଲୋକମାନେ କହିଲେ ମୁସଲ୍‌ମାନଙ୍କ ହତ୍ୟା ହେବା ଶହିଦ୍ ଅଟେ । ଏଥିରେ ଆପଣ ସ:ଆ:ସ କହିଲେ ତାହା ହେଲେ ତ ମୋ ଉମତ୍ ର ଶହୀଦମାନେ ବହୁତ କମ୍ ଅଟନ୍ତି ପୁଣି ଆଁ ହଜରତ

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।'' *(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

**ତାଲିବେ ଦୁଆ:** *Abdur Rahman Khan & Family, Jamat Ahmadiyya, Pankal (Odisha)*

ସ:ଆ:ସ କହିଲେ ମୁସଲମାନମାନେ ହତ୍ୟା ହେବା ତ ଶହୀଦ ଅଟେ ଏବଂ ପେଟ ରୋଗରେ ମୃତ୍ୟୁବରଣ କରିବା ମଧ୍ୟ ଶହୀଦ ଅଟେ ଓ ପାଣିରେ ବୁଡ଼ି ମରିବା ଶହିଦ ଅଟେ । ଏବଂ ଏପରି ମହିଳା ପ୍ରସବ କରିବା ସମୟରେ ଯିଏ ମୃତ୍ୟୁବରଣ କରିଥାନ୍ତି ସେ ମଧ୍ୟ ଶହିଦ ଅଟେ । ଏହା ସବୁ ଶହିଦ ହେବାର ପ୍ରକାର । *(ତବକାତୁଲ୍ କୁବ୍‌ରା ଖଣ୍ଡ-୩, ପୃ-୩୯୮ ରୁ ୪୦୦, ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲମିୟା ୧୯୯୦) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୪, ପୃ-୧୮୭) (ତବକାତୁଲ୍ କୁବ୍‌ରା ଖଣ୍ଡ-୨, ପୃ-୧୩, ବାବ୍ ଗଜୁଓ୍ୱା ବଦର୍ ବେରୁତ ଦାରୁଲ୍ କୁତୁବୁଲ୍ ଅଲମିୟା ୧୯୯୦)*

ହଜ୍‌ରତ୍ ଅରଓ୍ୱା ବିନ୍ ଜୁବୈର୍‌ଙ୍କଠାରୁ ବର୍ଣ୍ଣିତ ଅଛି ଯେ, ରସୁଲୁଲ୍ଲାଃ ସ:ଆ:ସ ମୌତା ଯୁଦ୍ଧରେ ହଜରତ ଜଏଦ୍ ବିନ୍ ହାରିସାଃଙ୍କୁ ସେନାର ସର୍ଦ୍ଦାର ବନାଇଲେ ଏବଂ କହିଲେ ଯେ, ଯଦି ସେ ଶହିଦ ହୋଇଯାଆନ୍ତି ତେବେ ହଜରତ ଜାଫର୍ ବିନ୍ ଅବୁତାଲିବ୍ ର:ଅ ତାଙ୍କ ସ୍ଥାନ ନେବେ ପୁଣି ଯଦି ହଜରତ ଜାଫର୍ ର:ଅ ମଧ୍ୟ ଶହିଦ ହୋଇଯିବେ ତେବେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ସର୍ଦ୍ଦାର ହେବେ । ଯଦି ଅବୁଦଲ୍ଲାଃ ମଧ୍ୟ ଶହିଦ ହୋଇଯାଆନ୍ତି ତେବେ ମୁସଲମାନମାନେ ଯାହାକୁ ପସନ୍ଦ କରିବେ ତାକୁ ନିଜର ସର୍ଦ୍ଦାର ବନାଇ ନିଅନ୍ତୁ । ସୁତରାଂ ଯେତେବେଳେ ଏହି ସେନା ପ୍ରସ୍ତୁତ ହୋଇଗଲା ଏବଂ ସେନା ଯୁଦ୍ଧ କରିବାପାଇଁ ବାହାରିପଡ଼ିଲା ସେତେବେଳେ ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦ୍ୱାରା ବନାଯାଇଥିବା ସର୍ଦ୍ଦାରମାନଙ୍କୁ ବିଦା କଲେ ଓ ସେମାନଙ୍କୁ ସଲାମତିର ଦୁଆ ଦେଲେ ଯେତେବେଳେ ଲୋକମାନେ ରସୁଲୁଲ୍ଲାଃ ସ:ଆ:ସଙ୍କ ସର୍ଦ୍ଦାରମାନଙ୍କୁ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କୁ ବିଦାୟ ଦେଲେ ସେତେବେଳେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ କାନ୍ଦିବାକୁ ଲାଗିଲେ । ଲୋକମାନେ କାନ୍ଦିବାର କାରଣ ପଚାରିବାରେ ସେ ଉତର ଦେଲେ ଯେ, ଈଶ୍ୱରଙ୍କ ରାଣ ! ମତେ ଏ ସଂସାରର ପ୍ରେମ ଓ ଏହାର ଭୀଷଣ ଅଭିଳାଷା ଓ ସୌକ୍ ନାହିଁ ବରଂ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏ ଆୟତ ପଢ଼ିବାର ଶୁଣିଛି ଯେ: ***ଓ୍ୱ ଇନ୍ ମିନ୍‌କୁମ୍ ଇଲ୍ଲା ଓ୍ୱାରିଦୁହା କାନା ଅଲା ରବିକା ହତ୍‌ମମ୍ ମକ୍‌ଜିୟା (ମରିୟମ୍ : ୭୨)*** ଅର୍ଥାତ ତୁମମାନଙ୍କୁ ମଧ୍ୟରୁ କେହି ନୁହେଁ କିନ୍ତୁ ସେ ନିଶ୍ଚିତରୂପେ ଏଥିରେ ଯିବାକୁ ଅଛି ଅର୍ଥାତ ନର୍କକୁ । ଏହା ତୁମ ପାଳନ କର୍ତାଙ୍କ ତରଫରୁ ଏକ ନିଷ୍ପତି ହୋଇଥିବା ଧାର୍ଯ୍ୟ ଫଇସଲା । ତେଣୁ ମୁଁ ଜାଣିନାହିଁ ଯେ, ସିରାତ୍‌ପୋଲ୍ ଉପରେ ଚଢ଼ିବା ଓ ତାକୁ ପାର ହେବାବେଳେ ମୋର ଅବସ୍ଥା କ'ଣ ହେବ । ଏହାର ପୂର୍ବ ଆୟତରେ ନର୍କ ବିଷୟ ଚର୍ଚ୍ଚା କରାଯାଇଛି ତେଣୁ ତାଙ୍କୁ ତାଙ୍କ ଭିତରେ ଭୟ ସୃଷ୍ଟି ହୋଇଥିଲା ନଚେତ୍ ଅନ୍ୟ ଆୟତରେ ସ୍ୱଷ୍ଟଭାବେ ପ୍ରକାଶ ହୋଇଛି ଯେ, ମୁମିନ୍ ଏବଂ ଅଲ୍ଲାଃ ତାଲାଙ୍କ ମାର୍ଗରେ ଜିହାଦ୍ କରୁଥିବା ଲୋକମାନଙ୍କ ସମ୍ବନ୍ଧରେ ଏକଥା କୁହାଯାଇନାହିଁ । ସେ ଯାହା ହେଉ ମୁସଲମାନମାନେ କହିଲେ ଯେ ଅଲ୍ଲାଃ ତୁମ ସାଥିରେ ଅଛନ୍ତି ସେ ହିଁ ତୁମକୁ ଆମ ନିକଟକୁ କୁଶଳ ଓ ମଙ୍ଗଳ ତା'ର ସହିତ ଲେଉଟାଇ ଆଣିବେ ।

ତଫ୍‌ସିର୍ ସଗିର୍ ର ହାଶିୟାରେ ଲେଖା ଅଛି ଏବଂ ତଫ୍‌ସିର୍ କବିର୍ ରେ ଦୁଇପ୍ରକାରର ଅଛି ଅର୍ଥାତ ପ୍ରଥମଟି ହେଉଛି ଏହା ମୁମିନ୍ ମାନଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ, କାଫିର୍‌ଙ୍କ ପାଇଁ ଉଦ୍ଦିଷ୍ଟ କିନ୍ତୁ ହଜରତ ମସିହ ମଉଦ ଆ:ସ ଏବଂ ହଦିସ୍‌ଗୁଡ଼ିକରୁ ଏ ସମ୍ବନ୍ଧରେ ବ୍ୟାଖ୍ୟା ମଧ୍ୟ ମିଳୁଛି ଯାହାର ସାରାଶଂ ହେଉଛି ଏପରି ଏବଂ ତାହା ତଫ୍‌ସିର ସଗିର୍ ର ହାଶିୟାରେ ମଧ୍ୟ ଲେଖାଯାଇଛି କି, ''ପବିତ୍ର କୋରାନ୍‌ରୁ ଜଣାପଡୁଛି ଯେ ନର୍କ ହେଉଛି ଦୁଇଟି, ଗୋଟିଏ ଏ ସଂସାରର ନର୍କ ଓ ଆଉ ଗୋଟିଏ ହେଉଛି ପରକାଳର ନର୍କ । ଏପରି ଯେଉଁ କୁହାଯାଇଛି ଯେ, ପ୍ରତ୍ୟେକ ବ୍ୟକ୍ତି ନର୍କରେ ପଡ଼ିବ ତାହାର ଅର୍ଥ ଏହା ନୁହେଁ କି, ମୁମିନ୍ ମଧ୍ୟ ନର୍କକୁ ଯିବେ ବରଂ ଏହାର ଅର୍ଥ ହେଉଛି ମୁମିନ୍ ନର୍କର ଭାଗକୁ ଏ ଦୁନିଆରେ ପାଇଯାଉଛନ୍ତି ଅର୍ଥାତ କୁଫାର୍‌ମାନେ ସେମାନଙ୍କୁ ଭଳିଭଳିକା ଦୁଃଖ କଷ୍ଟ ଦେଉଛନ୍ତି ନଚେତ୍ ପବିତ୍ର କୋରାନ୍ ମୁତାବକ ମୁମିନ୍ ମାନେ ପରକାଳରେ ନର୍କକୁ କେବେ ହେଲେ ବି ଯିବେନାହିଁ । କାରଣ ପବିତ୍ର କୋରାନ୍ ମୁମିନ୍‌ଙ୍କ ସମ୍ବନ୍ଧରେ ଏପରି ନିର୍ଦ୍ଦେଶ ଦେଇଛି କି, ***ଲା ୟସ୍‌ମଉନା ହସିସହା*** ଅର୍ଥାତ ମୋମିନ୍‌ମାନେ ନର୍କଠାରୁ ଏତେ ଦୁରରେ ରହିବେ ଯେ, ସେମାନେ ତା'ର ଶବ୍ଦ ମଧ୍ୟ ଶୁଣିପାରିବେ ନାହିଁ । ତେଣୁ ମୁମିନ୍‌ମାନଙ୍କ ନର୍କକୁ ଯିବାର ଅର୍ଥ ହେଉଛି ଏ ଦୁନିଆରେ ଦୁଃଖ କଷ୍ଟ ଉଠାଇବା । ରସୁଲେ କରିମ୍ ସ:ଆ:ସ ଜ୍ୱରକୁ ମଧ୍ୟ ଏକପ୍ରକାରର ନର୍କରୂପେ ଅଭିହିତ କରିଛନ୍ତି । ଯେପରିକି କହିଲେ ***ଅଲ୍‌ହୁମ୍ମା ହଜ୍ଜୁ କୁଲ୍ଲି ମୁମିନିନ୍ ମିନନ୍ ନାରି*** ଅର୍ଥାତ ଜ୍ୱର ହେଉଛି ନର୍କର ଅଗ୍ନିର ମୁମିନ୍‌ଙ୍କ ପାଇଁ ଗୋଟିଏ ଅଂଶ'' । *(ତଫ୍‌ସିରେ ସଗିର୍ ମରିୟମ୍ : ୭୨ ଅର୍ନ୍ତଗତ)*

ସେ ଯାହାହେଉ ଏହା ତା'ର ଅଳ୍ପ କିଛି ସ୍ୱଷ୍ଟିକରଣ ଥିଲା ଏବଂ ଯେତେବେଳେ ମୁସଲମାନମାନେ ସେମାନଙ୍କୁ ବିଦାକଲେ ମୁମିନ୍‌ମାନେ ତାକୁ କହିଲେ ଯେ, ଅଲ୍ଲାଃ  ତାଲା ତୁମମାନଙ୍କୁ ଶତ୍ରୁଙ୍କ ଦୁଷ୍ଟାମିରୁ ବଂଚାନ୍ତୁ ସେତିକିବେଳେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ନିମ୍ନଲିଖିତ ପଦଗୁଡ଼ିକ ପଢ଼ିଲେ

**ଲକିନ୍ନନି ଅସ୍‌ଅଲୁର୍ ରହ୍‌ମାନା ମଗ୍‌ଫିରତନ୍**
**ଓ୍ୱ ଜର୍‌ବତନ୍ ଜାତା ଫର୍‌ମିନ୍ ୟକ୍‌ଜିଫୁଜ୍ ଜବଦା**
**ଅଓ ତାନତନ୍ ବିୟଦଏ ହର୍‌ରାନା ମୁଯ୍‌ହିଜାତନ୍**
**ବିହର୍‌ବତିନ୍ ତୁନ୍‌ଫିଜୁଲ୍ ଅହ୍‌ଶାଆ ଓ୍ୱଲ୍‌କବିଦା**
**ହତ୍‌ତା ୟକୁଲୁ ଇଜା ମର୍‌ରୁ ଅଲା ଯଦସି**
**ୟା ଅର୍‌ଶଦଲ୍ଲାହୁ ମିନ୍ ଗାଜିନ୍ ଓ୍ୱ କଦ୍ ରଶଦା**

ଅର୍ଥାତ ମୁଁ କରୁଣାମୟ ଈଶ୍ୱରଙ୍କଠାରୁ କ୍ଷମା ଚାହୁଁଅଛି ଓ ତରବାରୀର ଏପରି ଆକ୍ରମଣ କରିବାପାଇଁ ସାମର୍ଥ୍ୟ ମାଗୁଛି ଯାହା ଚଉଡ଼ା କ୍ଷତ ପହଂଚାଉଥିବ ଓ ତାଜା ରକ୍ତ ବୁହାଉଥିବ ସେଥିରେ ଫେଣ ଉଠୁଥିବ ଏବଂ କନ୍ତ ଦ୍ୱାରା ଏପରି ଆକ୍ରମଣ କରେ ଯାହା ସମ୍ପୁର୍ଣ୍ଣ ପ୍ରସ୍ତୁତି କରି ଭୀଷଣ ରକ୍ତ ପିପାଷୁର ହାତ ଦ୍ୱାରା କରାଯାଇଥିବ ଓ ତାହା ଅନ୍ତବୁଜୁଳି ଓ କଲିଜାକୁ ପାର ହୋଇଯାଉଥିବ । ଏପରି କି ଯେତେବେଳେ ଲୋକମାନେ ମୋ କବର୍ ନିକଟରେ ଯିବେ ସେତେବେଳେ ଏକଥା କହିବେ ଯେ, ଏ ଯୁଦ୍ଧରେ ସାମିଲ ହୋଇଥିବା ବ୍ୟକ୍ତି ! ଅଲ୍ଲାଃ ତୁମର ମଙ୍ଗଳ କରନ୍ତୁ ଏବଂ ସେହି ଈଶ୍ୱର ମଙ୍ଗଳ କରିଦେଉଥିବେ ।

ପୁଣି ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ରସୁଲୁଲ୍ଲାଃ ସ:ଆ:ସଙ୍କ ସେବାରେ ଉପସ୍ଥିତ ହେଲେ । ଆପଣ ସ:ଆ:ସ ତାଙ୍କୁ ବିଦାୟ ଜଣାଇଲେ । ସେନାଦଳ ଆଗକୁ ଚାଲିଲା ଏପରି କି ମଆନ୍ ନାମକ ସ୍ଥାନରେ ଯାଇ ଡ଼େରା ପକାଇଲା ମଆନ୍ ହେଉଛି ସିରିୟା ଦେଶରେ ଥିବା ଗୋଟିଏ ସହରର ନାମ ତାହା ହଜାଜ୍ ଆଡ଼କୁ ବଲ୍‌କାଆ ନିକଟରେ ଅବସ୍ଥିତ । ସେଠାରେ ଯାଇ ଜଣା ପଡ଼ିଲା ଯେ, ହିର୍‌କଲ୍ ସମ୍ରାଟ ଏକଲକ୍ଷ ରୋମି ସେନା ଏବଂ ଏକ ଲକ୍ଷ ଆରବୀୟ ସେନା ସହିତ ମାଆବ୍ ନାମକ ସ୍ଥାନରେ ଉପସ୍ଥିତ ରହିଛି । ମାଆବ୍ ମଧ୍ୟ ସିରିୟା ଦେଶର ବଲ୍‌କାଆ ନିକଟରେ ଥିବା ଗୋଟିଏ ସହରର ନାମ । ମୁସଲମାନମାନେ ମାଆନ୍‌ଠାରେ ଦୁଇଦିନ ରହିଲେ ଓ ଆପୋଷରେ ଏକଥା କହିଲେ ଯେ, ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟକୁ କାହାକୁ ପ୍ରେରଣ କରି ଆମ ଶତ୍ରୁମାନଙ୍କର ବହୁଳତା ବିଷୟରେ ଖବର ଦିଆଯାଉ ଅର୍ଥାତ ଶତ୍ରୁମାନେ ବହୁ ସଂଖ୍ୟାରେ ଅଛନ୍ତି ତେଣୁ ଆପଣ ସ:ଆ:ସ ଆମକୁ ସାହାଯ୍ୟ କରିବେ ଅଥବା ଆଉ କିଛି ନିର୍ଦ୍ଦେଶ ଦେବେ । କିନ୍ତୁ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ମୁସଲମାନମାନଙ୍କୁ ଉତ୍ସାହିତ କଲେ ସୁତରାଂ ସେମାନେ ତିନି ହଜାର ଥିବା ସତ୍ୱେ ମଧ୍ୟ ଆଗୁକ ବଢ଼ିଚାଲିଲେ ଓ ରୋମି ସେନାଙ୍କ ସହିତ ବଲ୍‌କାଆର ଗୋଟିଏ ବସ୍ତି ମଶାରିଫ୍ ନିକଟରେ ଯାଇ ସାକ୍ଷାତ କଲେ । ମଶାରିଫ୍ ନାମକ ଅନେକ ଗ୍ରାମ ସିରିୟା ଦେଶରେ ଥିଲା ସେଥିମଧ୍ୟରୁ ଗୋଟିଏ ହରାନ୍ ସହର ନିକଟରେ ଅଛି, ଗୋଟିଏ ଦମଶ୍‌କ ନିକଟରେ ଅଛି, ଗୋଟିଏ ବଲ୍‌କାଆ ନିକଟରେ ଅଛି ପୁଣି ମୁସଲମାନମାନେ ସେଠାରୁ ମୌତା ଆଡ଼କୁ ଚାଲିଗଲେ । *(ଉସଦୁଲ୍ ଗାବାଃ...... ଖଣ୍ଡ-୩, ପୃ-୨୩୭ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଦାରୁଲ୍ କୁତୁବୁଲ୍ ଅଲ୍‌ମିୟା ବେରୁତ ୨୦୦୮)(ତଫ୍‌ସିରେ ସଗିର୍ ସୁରାଃ ମରିୟମ୍ ଆୟତ ନଂ ୭୨, ପୃ-୩୯୦) (ଉସଦୁଲ୍ ଗାବାଃ ୫ମ ଭାଗ ପୃ-୨୪୭ ମୁଦ୍ରଣ ଅଲ୍‌ମିଜାନ୍ ଉର୍ଦ୍ଦୁ ବଜାର୍ ଲାହୋର୍ ) (ମୁଅଜମୁଲ୍ ବୁଲ୍‌ଦାନ୍ ଖଣ୍ଡ-୫, ପୃ-୧୭୯, ୩୭, ୧୫୩-୧୫୪)*

ହଜରତ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ନବି କରିମ୍ ସ:ଆ:ସ ହଜରତ ଜଏଦ୍ ର:ଅ, ହଜରତ ଜାଫର୍ ର:ଅ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କ ଶହିଦ ହେବାର ଖବର ଲୋକମାନଙ୍କୁ ଶୁଣାଇଲେ ଯେବେ କି, ତାଙ୍କ ନିକଟକୁ ସେ ପର୍ଯ୍ୟନ୍ତ କୌଣସି ଖବର ଆସିନଥିଲା । ଆପଣ ସ:ଆ:ସ ପ୍ରଥମରୁ ହିଁ ବତାଇଦେଲେ । ଆପଣ ସ:ଆ:ସ କହିଲେ ଜଏଦ୍ ର:ଅ ଧ୍ୱଜା ଧରିଲେ ଏବଂ ପୁଣି ଶହିଦ ହୋଇଗଲେ ତା'ପରେ ଜାଫର ର:ଅ ଧ୍ୱଜାଟିକୁ ଧରିଲେ ଓ ସେ ମଧ୍ୟ ଶହିଦ ହୋଇଗଲେ ତା'ପରେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଧ୍ୱଜାଟିକୁ ନେଲେ ଓ ସେ ମଧ୍ୟ ଶହିଦ ହୋଇଗଲେ । ଏକଥା କହିବାବେଳେ ଆଁ ହଜରତ ସ:ଆ:ସଙ୍କ ଆଖିରୁ ଅଶ୍ରୁ ବୋହିପଡୁଥିଲା । ପୁଣି କହିଲେ ତା'ପରେ ଧ୍ୱଜାଟିକୁ ଅଲ୍ଲାଃ ତାଲାଙ୍କ ତରବାରୀ ମଧ୍ୟରୁ ଗୋଟିଏ ତରବାରୀ ଧରି ନେଲା ଓ ପରିଶେଷରେ ତାହାଙ୍କ ଜରିଆରେ ବିଜୟ ପ୍ରଦାନ କଲେ । *(ସହୀ ବୁଖାରୀ କିତାବୁଲ୍ ମଗାଜି........ ହଦୀସ ୪୨୬୨)*

ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ନିକଟରେ ହଜରତ ଜଏଦ୍ ବିନ ହାରସା ର:ଅ, ହଜରତ ଜାଫର୍ ର:ଅ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କ ଶହିଦ ହେବାର ଖବର ପହଂଚିଲା ସେତେବେଳେ ନବି କରିମ୍ ସ:ଆ:ସ ସେମାନଙ୍କର ଅବସ୍ଥାକୁ ବର୍ଣ୍ଣନା କରିବାକୁ ଛିଡ଼ା ହେଲେ ଓ ହଜରତ ଜଏଦ୍ ର:ଅଙ୍କ ଗୁଣ ବର୍ଣ୍ଣନାରୁ କଥା ଆରମ୍ଭ କଲେ । ଆପଣ ସ:ଆ:ସ କହିଲେ :

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

**ଅଲ୍ଲାହୁମ୍ମା ଇଗଫିର୍ ଲି ଜୈଦିନ୍- ଅଲ୍ଲାହୁମ୍ମା ଇଗଫିର୍ ଲି ଜୈଦିନ୍ ଅଲ୍ଲାହୁମ୍ମା ଇଗଫିର୍ ଲି ଜୈଦିନ୍- ଅଲ୍ଲାହୁମ୍ମଗଫିର୍ ଲି ଜାଫରିନ୍ ୱ ଲି ଅବ୍‌ଦିଲ୍ଲାହିବ୍‌ନି ରୱାହା**

ଅର୍ଥାତ ହେ ଅଲ୍ଲାଃ ! ଜଏଦ୍‌ଙ୍କର ମଗଫିରତ୍ କର । ହେ ଅଲ୍ଲାଃ ! ଜଏଦ୍‌ଙ୍କ ମଗଫିରତ୍ କର । ହେ ଅଲ୍ଲାଃ ! ଜଏଦ୍‌ଙ୍କ ମଗଫିରତ୍ କର । ହେ ଅଲ୍ଲାଃ ! ଜାଫର୍ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ଙ୍କ ମଗଫିରତ୍ କର । *ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୩୪, ଜଏଦୁଲ୍ ହୁବେ ବିନ୍ ହାରସା, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲମିୟା ବେରୁତ ୧୯୯୦)*

ହଜରତ ଆଇଶା ର:ଅ ବର୍ଣ୍ଣନା କରୁଛନ୍ତି ଯେ, ଯେତେବେଳେ ହଜରତ ଜଏଦ୍ ବିନ୍ ହାରଶା ର:ଅ, ହଜରତ ଜାଫର୍ ର:ଅ ଏବଂ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ଶହିଦ ହେଲେ ସେତେବେଳେ ରସୁଲୁଲ୍ଲାଃ ସ:ଆ:ସ ମସ୍‌ଜିଦ୍‌ରେ ବସି ପଡ଼ିଲେ ଓ ଆପଣ ସ:ଆ:ସଙ୍କ ଚେହେରାରୁ ଚିନ୍ତା ଓ ଦୁଃଖ ପରିପ୍ରକାଶ ହେଉଥିଲା*(ସୁନନେ ଅବି ଦାଉଦ୍ କିତାବୁଲ୍ ଯନାଇଜ୍...... ହଦିସ ୩୧୨୨)* ।

ହଜରତ ମୁସ୍‌ଲେହ ମଉଦ ର:ଅ ମୌତା ଯୁଦ୍ଧ ସମ୍ବନ୍ଧରେ ଚର୍ଚ୍ଚା କରି ଏପରି କହିଛନ୍ତି । ଏହା ପୂର୍ବରୁ ହଜରତ ଜଏଦ୍‌ଙ୍କ ସମ୍ବନ୍ଧରେ ମଧ୍ୟ ଚର୍ଚ୍ଚା ହୋଇସାରିଛି । କିନ୍ତୁ ଏଠାରେ ଅଳ୍ପ କିଛି ପୂର୍ନବାର ଉପସ୍ଥାପନ କରୁଅଛି । ହଜରତ ମୁସ୍‌ଲେହ ମଉଦ ଲେଖୁଛନ୍ତି ଯେ,

''ଆଁ ହଜରତ ସ:ଆ:ସ ଜଏଦ ର:ଅଙ୍କୁ ସେମାନଙ୍କର ଅଧିକାରୀ ନିଯୁକ୍ତି କରିଥିଲେ । କିନ୍ତୁ ତତ୍‌ସହିତ ଏ ନିର୍ଦ୍ଦେଶ ଦେଇଥିଲେ ଯେ, ମୁଁ ବର୍ତ୍ତମାନ ଜଏଦ୍‌ଙ୍କୁ ସେନାର ସର୍ଦ୍ଦାର ବନାଉଛି ଯଦି ଜଏଦ୍ ଯୁଦ୍ଧ କ୍ଷେତ୍ରରେ ମୃତ୍ୟୁବରଣ କରନ୍ତି ତେବେ ତାଙ୍କ ସ୍ଥାନରେ ଜାଫର୍ ର:ଅ ସେନାର ମଙ୍ଗ ଧରିବେ । ଯଦି ସେ ମଧ୍ୟ ମୃତ୍ୟୁବରଣ କରନ୍ତି ତେବେ ଅବଦୁଲ୍ ବିନ୍ ରୱାହା ସେନାର ମଙ୍ଗ ଧରିବେ । ଯଦି ସେ ମଧ୍ୟ ମୃତ୍ୟୁବରଣ କରନ୍ତି ତେବେ ପୁଣି ମୁସଲମାନମାନେ ସହମତି ହୋଇ ଯାହାକୁ ସର୍ଦ୍ଦାର ନିଯୁକ୍ତି କରିବେ ସେ ମଙ୍ଗ ଧରିବେ । ଯେତେବେଳେ ଆପଣ ସ:ଆ:ସ ଏ ନିର୍ଦ୍ଦେଶ ଦେଲେ ସେ ସମୟରେ ଜଣେ ଇହୁଦୀ ମଧ୍ୟ ଆପଣ ସ:ଆ:ସଙ୍କ ନିକଟରେ ବସିଥିଲା ସେ କହିଲା ମୁଁ ଆପଣଙ୍କୁ ନବି ରୂପେ ତ ମାନୁନାହିଁ କିନ୍ତୁ ଯଦି ଆପଣ ସତ୍ୟବାଦି ତେବେ ଏହି ତିନିଜଣଙ୍କ ମଧ୍ୟରୁ ଜଣେ ହେଲେ ମଧ୍ୟ ବଂଚିକି ଆସିବ ନାହିଁ । କାରଣ ନବିଙ୍କ ମୁହଁରୁ ଯେଉଁକଥା ବାହାରିଥାଏ ତାହା ପୂରଣ ହିଁ ହୋଇଥାଏ । ସେହି ଇହୁଦୀ ଜଣକ ହଜରତ ଜଏଦ୍ ର:ଅଙ୍କ ନିକଟକୁ ଗଲା ଓ ତାଙ୍କୁ ବତାଇଲା ଯେ, ଯଦି ତୁମର ରସୁଲ୍ ସତ୍ୟବାଦୀ ତେବେ ତୁମେ ଜୀବିତ ଲେଉଟି ଆସିବ ନାହିଁ । ଏଥିରେ ହଜରତ ଜଏଦ୍ ର:ଅ କହିଲେ ମୁଁ ଜୀବିତ ଆସିବି କି ନ ଅସିବି ଏହା ତ ଅଲ୍ଲାଃ ତାଲା ହିଁ ଜାଣିଛନ୍ତି କିନ୍ତୁ ଆମ ରସୁଲ୍ ସ:ଆ:ସ ନିଶ୍ଚିତ ରୂପେ ସତ୍ୟବାଦି ଅଟନ୍ତି'' । ଅର୍ଥାତ ନ ମାନି ମଧ୍ୟ ଇହୁଦୀଜଣକ ସେ କଥା ଉପରେ ବିଶ୍ୱାସ ରଖିଥିଲା ଯେ, ଆଁ ହଜରତ ସ:ଆ:ସଙ୍କ କଥା ପୂରଣ ହେବ । ପୁଣି ହଜରତ ମୁସ୍‌ଲେହ ମଉଦ ର:ଅ ଲେଖୁଛନ୍ତି ଯେ, ''ଏହା ଅଲ୍ଲାଃ ତାଲାଙ୍କର କାର୍ଯ୍ୟ ଯେ, ଏହି ଘଟଣା ଟି ସମ୍ପୂର୍ଣ୍ଣରୂପେ ସେହିଭଳି ପୂରଣ ହେଲା । ପ୍ରଥମେ ହଜରତ ଜଏଦ୍ ର:ଅ ଶହିଦ ହେଲେ ତାଙ୍କ ପରେ ହଜରତ ଜାଫର୍ ର:ଅ ସେନାର କମାଣ ସମ୍ଭାଳିଲେ ଓ ସେ ମଧ୍ୟ ଶହିଦ ହେଲେ, ଓ ତାଙ୍କ ପରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ସେନାର ମଙ୍ଗ ସମ୍ଭାଳିଲେ କିନ୍ତୁ ତାଙ୍କୁ ମଧ୍ୟ ମାରିଦିଆଗଲା ଓ ଏପରି ଲାଗୁଥିଲା ଯେ, ସେନାଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଯିବ ଏହି ସମୟରେ ହଜରତ ଖାଲିଦ୍ ବିନ୍ ୱଲିଦ୍ ର:ଅ କେତେକ ମୁସଲମାନମାନଙ୍କ କହିବାଯୋଗୁଁ ଧ୍ୱଜାଟିକୁ ନିଜ ହାତରେ ଧରି ନେଲେ । ପୁଣି ଅଲ୍ଲାଃ ତାଲା ତାଙ୍କ ଜରିଆରେ ମୁସଲମାନମାନଙ୍କୁ ବିଜୟ ପ୍ରଦାନ କଲେ ଏବଂ ସେ କୁଶଳ ଶୈଳୀରେ ସେନାକୁ ଫେରାଇ ନେଇଆସିଲେ ।''

*(ଫରିଜାଏ ତବ୍‌ଲିଗ୍ ୱ ଅହେମଦୀ ଖ୍ୱାତିନ୍, ଅନ୍‌ୱାରୁଲ୍ ଉଲୁମ୍ ଖଣ୍ଡ-୧୮, ପୃ-୪୦୫ ରୁ ୪୦୬)*

ଏବେ ଯେଉଁ ଘଟଣା ବିଷୟରେ ମୁଁ ବର୍ଣ୍ଣନା କରିବାକୁ ଯାଉଛି । ଏହା ପୂର୍ବରୁ ମଧ୍ୟ ବର୍ଣ୍ଣନା ହୋଇ ସାରିଛି କିନ୍ତୁ ଏଥିରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅଙ୍କ ନିଷ୍ଠାଭାବ, ଭକ୍ତିଭାବ ଏବଂ ଆଁ ହଜରତ ସ:ଆ:ସଙ୍କ ସହିତ ଥିବା ପ୍ରେମଭାବ ର ପରିପ୍ରକାଶ ହେଉଅଛି ଏବଂ ଇସ୍‌ଲାମ ସହିତ ଥିବା ଭଲପାଇବା ର ପ୍ରକାଶ ହେଉଅଛି ଏଥିଯୋଗୁଁ ତାହା ଏଠାରେ ବର୍ଣ୍ଣନା କରିବା ଜରୁରୀ ଅଟେ ।

ହଜରତ ଅରୱା ର:ଅଙ୍କ ଠାରୁ ବର୍ଣ୍ଣିତ ଅଛି ଯେ, ହଜରତ ଉସାମା ବିନ୍ ଜଏଦ୍ ତାଙ୍କୁ ବତାଇଲେ ଯେ, ନବି କରିମ୍ ସ:ଆ:ସ ଗୋଟିଏ ଗଧ ଉପରେ ଅରୋହଣ କଲେ ଯାହା ଉପରେ ବସିବାପାଇଁ ଫିଦକ୍ ଇଲାକାର ଚାଦର ବିଛା ଯାଇଥିଲା । ଆଁ ହଜରତ ସ:ଆ:ସ ନିଜ ପଛପଟେ ଉସାମାଙ୍କୁ ବସାଇଥିଲେ । ଆଁ ହଜରତ ସ:ଆ:ସ ହଜରତ ସାଆଦ୍ ବିନ୍ ଉବାଦା ର:ଅଙ୍କୁ ଦେଖିବାପାଇଁ ବନୁ ହାରିସ୍ ବିନ୍ ଖଜରଜ୍ କବିଲାକୁ ଗଲେ ଏହି ଘଟଣା ଟି ବଦର୍ ଯୁଦ୍ଧର ପୂର୍ବବର୍ତ୍ତୀ କଥା । ଆଁ ହଜରତ ସ:ଆ:ସ ଗୋଟିଏ ମଜ୍‌ଲିସ୍ ନିକଟ ଦେଇ ଗଲେ । ସେହି ମଜ୍‌ଲିସ୍‌ରେ ମୁସଲମାନ, ମୁଶ୍‌ରିକ୍ ଏବଂ ଇହୁଦୀମାନେ ମିଳିମିଶି ବସିଥିଲେ । ସେମାନଙ୍କ ମଧ୍ୟରେ ଅବଦୁଲ୍ଲାଃ ବିନ୍ ଉବେି ମଧ୍ୟ ଥିଲା ଓ ସେହି ମଜ୍‌ଲିସ୍‌ରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ମଧ୍ୟ ଥିଲେ । ଯେତେବେଳେ ମଜ୍‌ଲିସ୍ ଭିତରେ ବାହନର ଧୂଳି ପଡ଼ିଲା ସେତେବେଳେ ଅବଦୁଲ୍ଲାଃ ବିନ୍ ଉବେି ନିଜର ନାକୁ ଚାଦର ଦ୍ୱାରା ଢ଼ାଙ୍କିନେଲେ ଓ କହିଲେ ଯେ, ଆମ ଉପରକୁ ଧୂଳି ଉଡ଼ାଅ ନାହିଁ । ନବି କରମ୍ ସ:ଆ:ସ ତାଙ୍କୁ ଅସ୍‌ସଲାମୁ ଅଲେିକୁମ୍ କହିଲେ ପୁଣି ଟିକିଏ ରହି ଗଧ ପିଠିରୁ ଓହ୍ଲାଇଲେ ଓ ତାଙ୍କୁ ଅଲ୍ଲାଃ ତାଲାଙ୍କ ଆଡ଼କୁ ଡ଼ାକିଲେ ଓ ତାଙ୍କ ସମ୍ମୁଖରେ ପବିତ୍ର କୋରାନ୍ ପାଠ କଲେ । ଏଥିରେ ଅବଦୁଲ୍ଲାଃ ବିନ୍ ଉବେି କହିବାକୁ ଲାଗିଲା ଯେ, ହେ ବ୍ୟକ୍ତି ! ଏହା ଭଲକଥା ନୁହେଁ ଯାହା କିଛି ତୁମେ କହୁଅଛ ଯଦି ତାହା ସତ୍ୟ ଅଟେ ତେବେ ଆମ ମଜ୍‌ଲିସ୍ ଗୁଡ଼ିକରେ ଆମକୁ କଷ୍ଟ ପହଂଚାଉନାହିଁ । ଓ ନିଜ ଡ଼େରା ନିକଟକୁ ଲେଉଟି ଯାଅ । ଯିଏ ତୁମ ନିକଟକୁ ଆସିବ । ତାଙ୍କ ନିକଟରେ ଏକଥା ବର୍ଣ୍ଣନା କର । ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ତତ୍‌କ୍ଷଣାତ୍ କହିଲେ ଯେ, ହେ ଅଲ୍ଲାଃଙ୍କ ରସୁଲ୍ ସ:ଆ:ସ ! ଆପଣ ଆମ ମଜଲିସ୍‌କୁ ଆସନ୍ତୁ ଆମେ ଏକଥା ପସନ୍ଦ କରୁ ଏବଂ ସେତେବେଳେ ସେ, କୌଣସି ପ୍ରକାର ଭୟ କରୁନଥିଲେ ଏବଂ ନା କାହାର ଖାତିର୍ କରୁଥିଲେ । ପରେ ସେଠାରେ ଝଗଡ଼ା ମଧ୍ୟ ହେଲା କିନ୍ତୁ ତାଙ୍କର ନିଜର ଭୂମିକା ଥିଲା *(ସହି ମୁସ୍‌ଲିମ୍ କିତାବୁଲ୍ ଜିହାଦ୍..... ହଦୀସ୍ ୧୭୯୮)* ।

ହଜରତ ଇବ୍‌ନେ ଅବାସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ, ଆଁ ହଜରତ ସ:ଆ:ସ ଗୋଟିଏ ଅଭିଯାନରେ ସାହାବାମାନଙ୍କୁ ପଠାଇଲେ ସେଥିରେ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ ମଧ୍ୟ ସାମିଲ ଥିଲେ । ସେଦିନ ଜୁମା ଥିଲା ଅଭିଯାନରେ ସାମିଲ ହୋଇଥିବା ସମସ୍ତ ସାହାବାମାନେ ତ ଚାଲିଗଲେ କିନ୍ତୁ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅ କହିଲେ ଯେ, ମୁଁ ପଛରେ ରହି ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ଜୁମା ନମାଜ ପାଠ କରି ବାକି ସାହାବିମାନଙ୍କ ସହିତ ଯାଇ ମିଶିବି । ଯେତେବେଳେ ସେ ରସୁଲୁଲ୍ଲାଃ ସ:ଆ:ସଙ୍କ ସହିତ ନମାଜ ପଢୁଥିଲେ ସେତେବେଳେ ଆଁ ହଜରତ ସ:ଆ:ସ ତାଙ୍କୁ ଦେଖି କହିଲେ ତୁମକୁ କେଉଁ ଜିନିଷ ନିଜ ସାଥିମାନଙ୍କ ସହିତ ଯିବାପାଇଁ ରୋକିଦେଲା ? ସେ କହିଲେ ଯେ, ମୋର ଏ ଇଚ୍ଛା ଥିଲା କି, ମୁଁ ଆପଣ ସ:ଆ:ସଙ୍କ ସହିତ ଜୁମା ନମାଜ ପାଠ କରିସାରିବାପରେ ସେମାନଙ୍କ ସହିତ ଯାଇ ମିଶିବି । ଏଥିରେ ଆଁ ହଜରତ ସ:ଆ:ସ କହିଲେ ଯେ, ଏ ପୃଥିବୀ ପୃଷ୍ଠରେ ଯାହା କିଛି ଅଛି ଯଦି ସେ ସବୁକୁ ତୁମେ ଖର୍ଚ୍ଚ କରିଦିଅ ତେବେ ମଧ୍ୟ ତୁମେ ସେମାନଙ୍କର ହଜଲ୍‌କୁ ପାଇପାରିବ ନାହିଁ ଯେଉଁ ଲୋକମାନେ ଏ ଅଭିଯାନ ପାଇଁ ବାହାରି ଚାଲିଯାଇଛନ୍ତି ।

*(ସୁନନେ ତିର୍‌ମିଜି ଅବୱାବୁଲ୍ ଜୁମା..... ହଦୀସ୍ ୫୨୭)*

ସେଥିଯୋଗୁଁ କହିଲେ ଯେ, ଯେଉଁ ଅଭିଯାନରେ ମୁଁ ସାହାବିମାନଙ୍କୁ ପଠାଇଛି ବର୍ତ୍ତମାନ ତାହା ନମାଜ ଜୁମାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ରାସ୍ତାରେ ତୁମେମାନେ ଜୁମା ପଢ଼ିପାରିଥାନ୍ତ ।

ହଜରତ ଅବୁ ଦରଦାଆ ବର୍ଣ୍ଣନା କରୁଛନ୍ତି ଯେ, ଏକଦା ଆମେ ଆଁ ହଜରତ ସ:ଆ:ସଙ୍କ ସହିତ ରମ୍‌ଜାନ୍ ମାସରେ ଭୀଷଣ ଗରମ ଅବସ୍ଥାରେ ବାହାରିଲୁ ଓ ଗରମ ପ୍ରଖରତା ଏତେ ଥିଲା ଯେ, ଆମମାନଙ୍କ ମଧ୍ୟରୁ ପ୍ରତ୍ୟେକ ନିଜ ନିଜର ମୁଣ୍ଡକୁ ରୁଦ୍ରତାପରୁ ରକ୍ଷା କରିବା ପାଇଁ ନିଜ ନିଜର ହାତଦ୍ୱାରା ଢ଼ାଙ୍କି ରଖିଥିଲେ ଏବଂ ରସୁଲୁଲ୍ଲାଃ ସ:ଆ:ସଙ୍କ ବ୍ୟତିତ ହଜରତ ଅବଦୁଲ୍ଲାଃ ବିନ୍ ରୱାହା ର:ଅଙ୍କ ବ୍ୟତିତ ଆମମାନଙ୍କ ମଧ୍ୟରୁ କେହି ରୋଜା ରଖିନଥିଲେ ।

*(ସହି ମୁସ୍‌ଲିମ୍ କିତାବୁଲ୍ ସିଆମ୍....... ହଦୀସ ୧୧୨୨)*

ହଜରତ ମିର୍ଜା ବଶୀର୍ ଅହେମଦ୍ ସାହେବ୍ ର:ଅ ଲେଖୁଛନ୍ତି ଯେ, ''ମଦିନାରେ ରହିବା ସମୟରେ ସର୍ବପ୍ରଥମ କାର୍ଯ୍ୟ ମସ୍‌ଜିଦ୍ ନବୱିର ନିର୍ମାଣ କାର୍ଯ୍ୟ ଥିଲା । ଯେଉଁ ସ୍ଥାନରେ ଆପଣ ସ:ଆ:ସଙ୍କ ଓଟଟି ଅଟକି ବସିପଡ଼ିଥିଲା ତାହା ମଦିନାର ଦୁଇଜଣ ମୁସଲମାନ ପିଲା ସହଲ୍ ଏବଂ ସୁହେଲ୍‌ଙ୍କ ମାଲିକାନା ଥିଲା ଯେଉଁମାନେ ହଜରତ ହୁସେିଦ୍ ବିନ୍ ଜରାରାଃ ର:ଅଙ୍କ ତତ୍ୱାବଧାନରେ ରହୁଥିଲେ । ଏହା ଗୋଟିଏ ଏପରି ସ୍ଥାନ ଥିଲା ଯାହାର ଗୋଟିଏ ଭାଗରେ ଗୋଟିଏ ଗୋଟିଏ ଖଜୁରୀ ଗଛ ଥିଲା ଏବଂ ତା'ର ଦ୍ୱିତୀୟ ଭାଗରେ କିଛି ଖଣ୍ଡର ଇତ୍ୟାଦି ଥିଲା । ଆଁ ହଜରତ ସ:ଆ:ସ ତାକୁ ଗୋଟିଏ ମସ୍‌ଜିଦ୍ ଓ ନିଜର କୋଠରୀ ଇତ୍ୟାଦି ନିର୍ମାଣ କରିବା ନିମନ୍ତେ ପସନ୍ଦ କଲେ ଏବଂ ଦଶ ଦିନାର୍ ଊଣା ଅଧିକେ ନବେ ଟଙ୍କା ବିନିମୟରେ ଉକ୍ତ ଜାଗାଟିକୁ ଖରିଦ କରିନେଲେ ଓ ଜାଗାଟିକୁ ସମତଳ କରାଇ ଗଛଗୁଡ଼ିକୁ କାଟି ମସ୍‌ଜିଦ୍ ନବୱିର ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଗଲା । ଆଁ ହଜରତ ସ:ଆ:ସ ନିଜେ ଦୁଆ ମାଗି ଭିତିପ୍ରସ୍ତର ରଖିଲେ ଏବଂ ଯେଉଁ ଭଳି କୁବା ମସ୍‌ଜିଦ୍‌ରେ ହୋଇଥିଲା କି, ସାହାବାମାନେ ମିସ୍ତ୍ରୀ ଓ ମଜୁରୀ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

**ତାଲିବେ ଦୁଆ:** *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।'' *(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

**ତାଲିବେ ଦୁଆ:** *Abdul Chand & Family, Jamat Ahmadiyya, Kerang (Odisha)*

କାର୍ଯ୍ୟ କଲେ ଓ ସେଥିରେ ବେଳେବେଳେ ଆଁ ହଜରତ ସ:ଆ:ସ ନିଜେ ମଧ୍ୟ ସାମିଲ ହେଉଥିଲେ । ବେଳେବେଳେ ଇଟା ଉଠାଇବା ସମୟରେ ସାହାବାମାନେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅ ଅନ୍‌ସାରୀଙ୍କର ଏହି ପଦଟିକୁ ପଢୁଥିଲେ । ***ହାଜଲ୍ ହିମାଲୁ ଲା ହିମାଲା ଖୈବ୍‌ରା ହାଜା ଅବରୁର୍ ରବ୍‌ନା ଓ୍ୱ ଅତ୍‌ହର୍*** ଅର୍ଥାତ ଏହି ବୋଝ ଖୈବର୍‌ର ବାଣିଜ୍ୟ ମାଲ୍‌ର ବୋଝ ନୁହେଁ ଯାହା ପଶୁମାନଙ୍କ ଉପରେ ଲଦା ହୋଇ ଆସିଥାଏ । ବରଂ ହେ ଆମର ଅଲ୍ଲାଃ ! ଏହି ବୋଝ ହେଉଛି ଧର୍ମପରାୟଣତା ଓ ପବିତ୍ରତାର ବୋଝ ଯାହାକୁ ଆମେ ତୁମ ପ୍ରସନ୍ନତା ପାଇଁ ଉଠାଉଅଛୁ ଓ ବେଳେବେଳେ ସାହାବାମାନେ କାମ କରିବା ସମୟରେ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କର ଏହି ପଦଟି ମଧ୍ୟ ପଢୁଥିଲେ । ***ଅଲାହୁମା ଇନ୍ନଲ୍ ଅଜ୍‌ରା ଅଜ୍‌ରୁଲ୍ ଆଖିରାଃ ଫରହମିଲ୍ ଅନ୍‌ସାରା ଓ୍ୱଲ୍ ମୁହାଜିରାଃ*** ଅର୍ଥାତ ହେ ଆମର ଅଲ୍ଲାଃ ! ଅସଲ ପୁରସ୍କାର ହେଉଛି ତ କେବଳ ପରକାଳର ପୁରସ୍କାର ତେଣୁ ତୁମେ ନିଜର କୃପା ଦ୍ୱାରା ଅନ୍‌ସାର ଓ ମୁହାଜିର୍‌ମାନଙ୍କ ଉପରେ ନିଜର କରୁଣା ଅବତୀର୍ଣ୍ଣ କର । ଯେତେବେଳେ ସାହାବାମାନେ ଏହି ପଦଗୁଡ଼ିକୁ ପାଠ କରୁଥିଲେ ସେତେବେଳେ ବେଳେବେଳେ ଆଁ ହଜରତ ସ:ଆ:ସ ମଧ୍ୟ ସେମାନଙ୍କର ସ୍ୱର ସହିତ ସ୍ୱର ମିଳାଇଦେଉଥିଲେ । ଏବଂ ଏହିପରି ବହୁତ ଦିନର ପରିଶ୍ରମ ପରେ ଏହି ମସ୍‌ଜିଦ୍ ଟି ସମ୍ପୂର୍ଣ୍ଣ ହେଲା'' ।

*(ସିରତ୍ ଖାତ୍‌ମୁନ୍ ନବିଇନ୍ ପୃ- ୨୬୯ ରୁ ୨୭୦)*

ବର୍ତମାନ ମୁଁ ହଜରତ ଅବଦୁଲ୍ଲାଃ ବିନ୍ ରଓ୍ୱାହା ର:ଅଙ୍କ ଚର୍ଚ୍ଚା କରୁଥିଲି ଯେହେତୁ ଆଜି ମୁଁ ଏକ ଯନାଜାଃ ମଧ୍ୟ ପଢ଼ାଇବି । ଏଠି ଚର୍ଚ୍ଚା କରିବି ସେଥିଯୋଗୁଁ ଆଜି ଜଣେ ସାହାବିଙ୍କର ହିଁ ଚର୍ଚ୍ଚା କରୁଅଛି ।

ଏବେ ଯେମିତି କି ମୁଁ କହିସାରିଛି ଯେ, ଜଣେ ମରହୁମ୍‌ଙ୍କର କଥା ଏଠାରେ କହିବି ସେ ହେଉଛନ୍ତି ଆମର ମୋହତରମ୍ ଡ଼ାକ୍ତର ଲତିଫ୍ ଅହେମଦ୍ କୁରୈଶି ସାହେବ୍ ଯିଏ ମଞ୍ଜୁର୍ ଅହେମଦ୍ କୁରୈଶି ସାହେବଙ୍କ ପୁତ୍ର ଥିଲେ । ୧୯ ଜାନୁୟାରୀ ୨୦୨୦ ଦିନ ଦ୍ୱିପ୍ରହର ୧ଟା ସମୟରେ ନିଜ ଘରେ ୮୦ ବର୍ଷ ବୟସରେ ମୃତ୍ୟୁବରଣ କଲେ । *ଇନ୍ନା ଲିଲ୍ଲାହେ ଓ୍ୱ ଇନ୍ନା ଇଲୈହେ ରାଜେଉନ୍ ।* ଅଲ୍ଲାଃ ତାଲାଙ୍କ କୃପାରୁ ସେ ମୁସି ଥିଲେ । ଅଜମିର୍ ସରିଫ୍ ଇଣ୍ଡିଆରେ ଜନ୍ମ ହୋଇଥିଲେ ୧୯୩୭ ମସିହାରେ ତାଙ୍କ ବାପା ମଞ୍ଜୁର୍ କୁରୈଶି ସାହେବ୍ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ହାତରେ ବୟତ କରିଥିଲେ । ତାଙ୍କ ମାଆ ମୁକରମା ମନ୍‌ସୁରା ବୁଶୁରା ସାହିବା ସେ ହଜରତ ମସିହ ମଉଦ ଆ:ସଙ୍କ ସାହାବି ହଜରତ ମୁନ୍‌ସୀ ଫୟାଜ୍ ଅଲି ସାହେବ୍ କପୁରଥଲ୍‌ବି ସାହେବ୍ ର:ଅଙ୍କ ନାତୁଣୀ ଅଟନ୍ତି ଏବଂ ହଜରତ ଶେଖ୍ ଅବ୍‌ଦୁର୍ ରଶିଦ୍ ମେରଠି ର:ଅଙ୍କ ନାତୁଣୀ (ପୁଅଙ୍କ ଝିଅ) ଅଟନ୍ତି । ସେ ଏବେ ଜୀବିତ ଅଛନ୍ତି ମୁକରମ୍ ଡ଼ାକ୍ତର କୁରୈଶି ସାହେବ୍‌ଙ୍କ ମାଆ ବାପା ପାକିସ୍ତାନ ଗଠନ ହେବା ସମୟରେ ହିଜ୍‌ରତ୍ କରି ଲାହୋର ଚାଲିଯାଇଥିଲେ ସେଠାରେ ସେ ମେଟ୍ରିକ ପରୀକ୍ଷା ପ୍ରଥମ ଶ୍ରେଣୀରେ ପାସ୍ କଲେ ପୁଣି କିଙ୍ଗ ଏଡଓ୍ୱାର୍ଡ଼ ମେଡ଼ିକାଲ କଲେଜ୍‌ରେ ନାମ ଲେଖାଇଲେ ସେତେବେଳେ ସେ, ସବୁଠାରୁ କମ୍ ବୟସର ବିଦ୍ୟାର୍ଥୀ ଥିଲେ ଯିଏ MBBS କରିଥିଲେ ସେଠିକାର ପ୍ରିନ୍ସିପାଲ୍ ବିଶେଷରୂପେ ଏକଥା ବର୍ଣ୍ଣନା କରିଛନ୍ତି ପୁଣି ୧୯୬୧ ମସିହାରେ ଆହୁରି ଅଧିକ ଶିକ୍ଷା ଲାଭ କରିବା ପାଇଁ ଇଲଣ୍ଡ ଚାଲିଆସିଥିଲେ ଓ ଏଠାରେ ପ୍ରଥମେ ଶିଶୁରୋଗ ସମ୍ବନ୍ଧିୟ ଡ଼ିପ୍ଲୋମା କଲେ ପୁଣି M.R.C.P ଡ଼ିଗ୍ରୀ ହାସଲ କଲେ ପୁଣି ତାଙ୍କୁ Yeovil Somerset ରେ Consultant ର ଚାକିରି ମିଳିଗଲା ସେଠାରେ ସେ ବିଶେଷରୂପେ ହୃଦୟରୋଗ ସମ୍ବନ୍ଧରେ ମହାରତ୍ ହାସଲ କଲେ । ୧୯୬୮ ମସିହାରେ ହଜରତ ଖଲିଫତୁଲ୍ ମସିହି ସାଲିସ୍ (ତୃତୀୟ) ରହେମୁଲାହୋ ତାଲା ଡ଼ାକ୍ତର ସାହେବଙ୍କୁ କହିଲେ ଯେ, ଆପଣ ଆମ ନିକଟକୁ କେବେ ଆସୁଛନ୍ତି ? ଏଥିରେ ଡ଼ାକ୍ତର ସାହେବ କହିଲେ ଯେବେ ଆପଣ ହୁକୁମ୍ କରିବେ ସୁତରାଂ ହଜରତ ଖଲିଫତୁଲ୍ ମସିହି ସାଲିସ୍ କହିଲେ ଆପଣ ଆସିଯାଆନ୍ତୁ ତେଣୁ ସେ ଇଂଲଣ୍ଡକୁ ଛାଡ଼ି ରବ୍‌ଓ୍ୱା ଚାଲିଗଲେ ଏବଂ ଫଜ୍‌ଲେ ଉମର୍ ହସ୍ପିଟାଲ ରବ୍‌ଓ୍ୱାରେ ଡ଼ାକ୍ତର ସାହେବଙ୍କୁ ମୁତୟନ କରାଗଲା ଏବଂ ପୁଣି ସେଠାରେ ସେ ବହୁଦିନ ପର୍ଯ୍ୟନ୍ତ କାମ କଲେ । ୧୧ ଜୁଲାଇ ୧୯୮୩ ରେ ଚିଫ୍ ମେଡ଼ିକାଲ୍ ଅଫିସରରୁପେ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ନିୟୋଜିତ ହେଲେ ଏବଂ ୧୯୮୭ ମସିହ ପର୍ଯ୍ୟନ୍ତ ସେଠାରେ ସେବା କଲେ । ୬୦ ବର୍ଷ ବୟସ ପର୍ଯ୍ୟନ୍ତ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ସେବା କରିବାପାଇଁ ସୌଭାଗ୍ୟ ପାଇଲେ ୨୦ ଅଗଷ୍ଟ ୧୯୯୮ ରେ ଅବସରପ୍ରାପ୍ତ କଲେ । ୬ ସେପ୍ଟେମ୍ବର ୧୯୯୮ରେ ପୂର୍ନବାର ଫଜଲ୍ ଉମର୍ ହସ୍ପିଟାଲ୍‌ରେ ନିଯୁକ୍ତ ହେଲେ ଏବଂ ୧୦ ସେପ୍ଟେମ୍ବର ୨୦୦ ମସିହା ପର୍ଯ୍ୟନ୍ତ ଅଲ୍ଲାଃ ତାଲାଙ୍କ କୃପାରୁ ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ସେବା କରିବାର ସୌଭାଗ୍ୟ ମିଳିଲା । ସେହିଭଳି ଫଜ୍‌ଲେ ଉମର୍ ହସ୍ପିଟାଲ୍‌ରେ ତାଙ୍କ ସେବା କରିବାର ଅବଧି ପାଖାପାଖି ୩୦ ବର୍ଷ ଥିଲା । ଡ଼ାକ୍ତର ଲତିଫ୍ କୁରୈଶି ସାହେବ୍ ଓ୍ୱାକିଫେ ଜିନ୍ଦେଗି ଡ଼ାକ୍ତର ରହିବା ବ୍ୟତିତ ଖୁଦାମୁଲ୍ ଅହେମଦୀୟା ମର୍କଜିଆ ଅନ୍‌ସାରୁଲାଃ ମର୍କଜିଆରେ ମଧ୍ୟ ବିଭିନ୍ନ ପଦବୀରେ କାମ କରିବାର ସୌଭାଗ୍ୟ ପାଇଛନ୍ତି । ଏବେ ମଧ୍ୟ ସେ ଅନ୍‌ସାରୁଲାଃ ର ଖୁସୁସି କାର୍‌କୁନ୍ ଥିଲେ ଏହି ଅବଧିରେ ୨ ବର୍ଷ ସେ ମଜ୍‌ଲିସ୍ ଇଫ୍‌ତାଆର ସଦସ୍ୟ ମଧ୍ୟ ରହିଛନ୍ତି । ସେ ଦୁଇଟି ପୁସ୍ତକ ମଧ୍ୟ ରଚନା କରିଛନ୍ତି ତାହା ବିଶେଷ ରୂପେ ପାକିସ୍ତାନର ଲୋକମାନଙ୍କ ପାଇଁ ଥିଲା ସ୍ୱାସ୍ଥ୍ୟ ରକ୍ଷାର ଶିଦ୍ଧାନ୍ତ ଏବଂ Healthy Living ତାଙ୍କ ସ୍ତ୍ରୀ ମଧ୍ୟ କିଛି ଦିନ ପୂର୍ବେ ମୃତ୍ୟୁବରଣ କରିଛନ୍ତି ଓ ତାଙ୍କ ସମ୍ବନ୍ଧରେ ମଧ୍ୟ ମୁଁ କହିଥିଲି । ସେ ମୌଲାନା ଅବ୍‌ଦୁଲ ମାଲିକ୍ ଖାନ୍ ସାହେବ୍‌ଙ୍କ ଝିଅ ଥିଲେ ଗତ ଜୁମା ଦିନ ତାଙ୍କର ଯନାଜାଃ ମଧ୍ୟ ମୁଁ ପଢ଼ାଇଥିଲି ତା'ର ଦୁଇଦିନ ପରେ ଅର୍ଥାତ ତାଙ୍କ ଦେହାନ୍ତର ୧୫ ଦିନ ପରେ ତାଙ୍କ ସ୍ୱାମୀଙ୍କର ମଧ୍ୟ ଦେହାନ୍ତ ହୋଇଗଲା । ତାଙ୍କ ଅନ୍ତେ ତାଙ୍କର ତିନିଜଣ ପୁତ୍ର ଓ ଦୁଇଜଣ ଝିଅ ଅଛନ୍ତି । ତାଙ୍କ ପୁତ୍ର ଡ଼ାକ୍ତର ଅତାଉଲ୍ ମାଲିକ କହୁଛନ୍ତି ଯେ, ଯେବେଠାରୁ ମୁଁ ହୋସ୍ ସମ୍ଭାଳିଲିଣି ସେବେଠାରୁ ମୋ ବାପାଙ୍କୁ କେବେ ତହ୍‌ଯୁଦ୍ ନମାଜ ଛାଡ଼ିବାର କେବେ ଦେଖିନାହିଁ ସେହିପରି ଆମ ମାଆ ଆମକୁ ବତାଉଥିଲେ ଯେ, ବିବାହର ପ୍ରଥମ ଦିନଠାରୁ ସେ ତହ୍‌ଯୁଦ୍ ନମାଜ ନିୟମିତ ପାଠ କରୁଥିଲେ ସୁତରାଂ ଊଣା ଅଧିକେ ୫୦ ବର୍ଷରୁ ଅଧିକା ସମୟ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଅନବରତ ସେ ନମାଜ ତହ୍‌ଯୁଦ୍ ପଢ଼ିଛନ୍ତି । ମାଆଙ୍କ ଶେଷ ବେମାରି ସମୟରେ ମଧ୍ୟ ଯେବେ କି ବାପା ବହୁତ ପରିଶ୍ରମ କରି ତାଙ୍କର ବହୁତ ଧ୍ୟାନ ରଖୁଥିଲେ । ଡ଼ାଇଲିସିସ୍ କରିବାପାଇଁ ଡ଼ାକ୍ତରଖାନା ମଧ୍ୟ ନେବାକୁ ପଡୁଥିଲା ଓ ସେଠାରେ ମଧ୍ୟ ଘଂଟା ଘଂଟା ବସିବାକୁ ପଡୁଥିଲା ଆରମ ନ ମିଳୁଥିବା ସତ୍ୱେ ମଧ୍ୟ ସେ କେବେବି ତହ୍‌ଯୁଦ୍ ନମାଜ ଛାଡ଼ିନାହାନ୍ତି । ରୋଗୀମାନଙ୍କ ସହିତ ଅତ୍ୟନ୍ତ ସହାନୁଭୁତି ଦେଖାଉଥିଲେ । ଗରିବ ଲୋକଙ୍କୁ ବହୁତ ସାହାଯ୍ୟ କରୁଥିଲେ ଦୁରଦୁରାନ୍ତ ଇଲାକାରୁ ଗରିବ ରୋଗୀମାନେ ତାଙ୍କ ନିକଟକୁ ଆସୁଥିଲେ ଓ ଔଷଧ ଖାଇ ଆରୋଗ୍ୟ ହେଉଥିଲେ । ସେ ବହୁତ ରୋଗୀମାନଙ୍କଠାରୁ ତାଙ୍କର ଫିସ୍ ମଧ୍ୟ ନଉନଥିଲେ । ବେଳେବେଳେ ନିଜ ନିକଟରୁ ସାହାଯ୍ୟ କରିଦେଉଥିଲେ । ସର୍ବଦା ଏ କଥା କହୁଥିଲେ ଯେ, ଆରୋଗ୍ୟ ପ୍ରଦାନ କରିବା ହେଉଛି ଅଲ୍ଲାଃଙ୍କ ହାତରେ । ନିଜର ତିନିଜଣ ସନ୍ତାନ ଯେଉଁମାନେ ମଧ୍ୟ ଡ଼ାକ୍ତର ଅଛନ୍ତି ସେମାନଙ୍କୁ ବିଶେଷରୂପେ ବାରମ୍ବାର ଏକଥା ମନେ ପକାଇଦେଉଥିଲେ ଯେ, ସବୁବେଳେ ନିଜ ରୋଗୀମାନଙ୍କ ପାଇଁ ଦୁଆ କର । ତାଙ୍କ ପୁଅ କହୁଛନ୍ତି ଅନେକ ସମୟରେ ମୁଁ ଆମ ବାପାଙ୍କୁ ଦୁଆ କରିବା ନିମନ୍ତେ କହିବାରେ ସେ ତା'ପରଦିନ ଫୋନ୍ କରି ପଚାରୁଥିଲେ ସେ ରୋଗୀର ଅବସ୍ଥା କିପରି ଅଛି ? ମୁଁ ତାଙ୍କପାଇଁ ଦୁଆ କରିଛି ।

୧୯୬୯ ମସିହାରେ ଯେତେବେଳେ ସେ ଇଂଲଣ୍ଡରେ Consultant ର କାର୍ଯ୍ୟ କରୁଥିଲେ ସେତେବେଳେ ସେ, ସେହି ସବୁ ସାଂସାରିକ ଲାଭ ଓ ଅର୍ଥକୁ ଛାଡ଼ିଛୁଡ଼ି ଦେଇ ଅଲ୍ଲାଃଙ୍କ ଉପରେ ଭରଷା ରଖି ରବ୍‌ଓ୍ୱା ଚାଲିଆସିଲେ ଏବଂ ଅଲ୍ଲାଃଙ୍କ ଉପରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ଥିଲା ଯେ, ସେ ସମସ୍ତ ସାଂସାରିକ ଧାର୍ମିକ କାର୍ଯ୍ୟ ନିଜେ ହିଁ ସମ୍ପାଦନ କରିବ ଓ ପିଲାମାନେ ମଧ୍ୟ ଉଚ୍ଚ ଶିକ୍ଷା ହାସଲ କରିବେ । ତେଣୁ ଅଲ୍ଲାଃ ତାଲା ମଧ୍ୟ ତାଙ୍କ ଉପରେ କୃପା କଲେ ଓ କେବେ ମଧ୍ୟ ତାଙ୍କର ଆର୍ଥିକ ସଂକଟ ହୋଇନାହିଁ ଓ ପିଲାମାନେ ମଧ୍ୟ ଉଚ୍ଚ ଶିକ୍ଷା ଲାଭକଲେ । ତାଙ୍କର ତିନିଜଣ ସନ୍ତାନ ଡ଼ାକ୍ତର ଅଛନ୍ତି ଆଜିକାଲି ସେମାନଙ୍କ ମଧ୍ୟରୁ ଅଧିକାଂଶ ଆମେରିକାରେ ଅଛନ୍ତି । ସେ ନିଜ ମାଆ ବାପାଙ୍କର ବହୁତ ସେବା କରୁଥିଲେ ଶେଷ ସମୟ ପର୍ଯ୍ୟନ୍ତ ମାଆଙ୍କୁ ନିଜେ ହିଁ ଖାଇବାକୁ ଦେଉଥିଲେ ଓ ତାଙ୍କର ବିଶେଷ ଧ୍ୟାନ ରଖୁଥିଲେ ମୁଁ ଯେପରି ବତାଇସାରିଛି ଯେ, ତାଙ୍କ ମାଆ ଏ ପର୍ଯ୍ୟନ୍ତ ଜୀବିତ ଅଛନ୍ତି ଓ ତାଙ୍କ ନିକଟରେ ହିଁ ରହୁଥିଲେ । ପୁଣି ତାଙ୍କର ଜଣେ ପୁତ୍ର କହୁଛନ୍ତି ଯେ, ମୋର ଆମେରିକା ଯିବା ପରୀକ୍ଷାର ପ୍ରସ୍ତୁତି ଇତ୍ୟାଦିରେ ସେ ମତେ ବହୁତ ସାହାଯ୍ୟ କରିଛନ୍ତି । ଆମେ ପିଲାମାନଙ୍କୁ ବହୁତ ଉତ୍ସାହିତ କରୁଥିଲେ । ଦେଖାଣିଆ ମନୋଭାବକୁ ଭୀଷଣ ଘୃଣା କରୁଥିଲେ । ସର୍ବଦା ସାଦାସିଧା ଜୀବନ ଅତିବାହିତ କରନ୍ତି । ଓ ପ୍ରତ୍ୟେକ ଛୋଟ ଓ ବଡ଼ କାମ କରିବା ପୂର୍ବରୁ ଖଲିଫାଙ୍କ ନିକଟକୁ ପ୍ରାର୍ଥନା ମୁଳକ ଚିଠି ଲେଖୁଥିଲେ ଓ ପରାମର୍ଶ କରୁଥିଲେ ।

ତାଙ୍କର ଦ୍ୱିତୀୟ ପୁତ୍ର ଡ଼ାକ୍ତର ମୁହମ୍ମଦ ଅହେମଦ୍ ମେହମୁଦ୍ କୁରୈଶି କହୁଛନ୍ତି ଯେ, ଖଲିଫା ସାଲିସ୍ ତାଙ୍କ ସମ୍ବନ୍ଧରେ କହିଥିଲେ ଯେ, ଏ କେବଳ ଡ଼ାକ୍ତର ହିଁ ନୁହନ୍ତି ବରଂ ଦୁଆଗୁ ଡ଼ାକ୍ତର ଅଟନ୍ତି । ସବୁ ରୋଗୀଙ୍କ ପାଇଁ ଦୁଆ କରୁଛନ୍ତି । ପ୍ରତ୍ୟେକ ପ୍ରେସ୍‌କ୍ରିପସନ୍‌ରେ ଔଷଧ ଲେଖିବା ପୂର୍ବରୁ ''ବିସ୍‌ମିଲ୍ଲାଃ ହିର୍‌ରହ୍‌ମା ନିର୍‌ରହିମ୍'' ଲେଖୁଥିଲେ ଏବଂ ପୁଣି ତା ତଳକୁ ''ହୁଓ୍ୱଶ୍ ଶାଫି'' ଲେଖୁଥିଲେ । ସେହିଭଳି ଅନ୍ୟ ଡ଼ାକ୍ତରମାନଙ୍କୁ ମଧ୍ୟ ଉପଦେଶ ଦେଉଥିଲେ ଯେ, ରୋଗୀମାନଙ୍କ ପାଇଁ ଦୁଆ କର, କାରଣ ଅସଲ ଆରୋଗ୍ୟ ଅଲ୍ଲାଃ ତାଲାଙ୍କ ହାତରେ ହିଁ ରହିଛି । ପୁଣି ଶେଷରେ ସେ କହୁଛନ୍ତି ଯେ, ମୋ ମାଆଙ୍କ ଦେହାନ୍ତ ପରେ ଶୌରକୋଟ୍ ରୁ ଜଣେ ରୋଗୀ ଆସିଲେ ସେତେବେଳେ ସେ ଗାଡ଼ିରେ ବସି କେଉଁଆଡ଼େ ଯିବାକୁ ବାହାରୁଥିଲେ । ଗାଡ଼ିରୁ ଓହ୍ଲାଇ ରୋଗିକୁ ଦେଖିଲେ ଓ ତାଙ୍କ ପାଇଁ ଔଷଧ ଲେଖିକି ଦେଲେ । ଏବଂ ଅଧିକାଂଶ ରୋଗୀଙ୍କୁ ନିଜ ପକେଟରୁ ଅର୍ଥ ଖର୍ଚ୍ଚକରି ଔଷଧ କିଣି ଦେଉଥିଲେ । ତାଙ୍କ ଝିଅ କହୁଛନ୍ତି ଯେ, ଜଣେ ମହିଳା ମତେ ବତାଇଲେ ଯେ, ତାଙ୍କ ବାପାଙ୍କୁ ହାର୍ଟଆଟାକ ହେଲା ଓ ସେ ଘରେ ଏକୁଟିଆ ଥିଲେ ଅର୍ଥାତ ସେହି ମହିଳାଙ୍କ ବାପାଙ୍କୁ ହାର୍ଟଆଟାକ ହେଲା ସେ ତାଙ୍କ ଘରକୁ ଯାଇ ରୋଗୀକୁ ଦେଖିଲେ ଓ ତାଙ୍କ ପିଲାମାନଙ୍କୁ ଫୋନ୍ କଲେ ଓ ଯେ ପର୍ଯ୍ୟନ୍ତ ତାଙ୍କ ପିଲାମାନେ ଘରକୁ ନ ଆସିଛନ୍ତି ସେ ପର୍ଯ୍ୟନ୍ତ ତାଙ୍କୁ ଛାଡ଼ିଲେ ନାହିଁ । ରୋଗୀଙ୍କ ନିକଟରେ ବସି ରହିଲେ । ପ୍ରତ୍ୟେକ ବର୍ଷ ସେ ନିୟମିତ ରୂପେ ଇଂଲଣ୍ଡ ଏବଂ କାଦିୟାନ ଜଲ୍‌ସାରେ ଯୋଗ ଦେବାପାଇଁ ଯାଉଥିଲେ । ପରିଶ୍ରମ କରିବାର ତାଙ୍କର ବହୁତ ଅଭ୍ୟାସ ଥିଲା ସେ ସର୍ବଦା ବହୁତ ସାହସିକତାର ସହିତ କାର୍ଯ୍ୟ କରିଛନ୍ତି । ତାଙ୍କ ଝିଅ କହୁଛନ୍ତି ଯେ, ମାଆଙ୍କ ଦେହାନ୍ତ ପରେ ସେ ମତେ କହିଲେ ମୋ ସହିତ ନିଜ ମାଆଙ୍କର ସମସ୍ତ ଜିନିଷପତ୍ରଗୁଡ଼ିକୁ ବ୍ୟବସ୍ଥା କରିବାରେ ସାହାଯ୍ୟ କର କାମ ସମ୍ପୂର୍ଣ୍ଣ ହେବାପରେ ସେ ଏତେ ମାତ୍ରାରେ କୃତଜ୍ଞ ହେଲେ ଯେ, ମୁଁ ଲଜ୍ଜିତ ହୋଇଯାଉଥିଲି । ଏହି ସବୁ କାମ ଗୁଡ଼ିକ କରିବା ସମୟରେ ଗୋଟିଏ କଥା ମତେ ସେ ବାରମ୍ବାର କହୁଥିଲେ ଯେ,

ଝିଅ ସବୁ କାମ ଶିଘ୍ରଶିଘ୍ର ଆଜି ହିଁ ସମ୍ପୂର୍ଣ୍ଣ କରିନିଅ କାରଣ ମୋ ନିକଟରେ ଅଧିକ ସମୟ ନାହିଁ । ସେତେବେଳେ ତ ମୁଁ ତାଙ୍କର କଥା ଉପରେ କୌଣସି ଧ୍ୟାନ ଦେଇନଥିଲି ପୁଣି ମୁଁ ତାଙ୍କୁ ଏ ବିଷୟରେ କିଛି ପଚାରିପାରିଲି ନାହିଁ । କାରଣ ସେ ନିଜର ସ୍ୱପ୍ନ ସମ୍ବନ୍ଧରେ ଅଧିକ କିଛି ବତାଉନଥିଲେ କିନ୍ତୁ ପରେ ଭାଇ ମତେ ବତାଇଲେ ଯେ, ସେ ନିଜ ସମ୍ବନ୍ଧରେ କୌଣସି ସ୍ୱପ୍ନ ଦେଖିଥିଲେ ଓ ଏକଥା କହିଥିଲେ ଯେ, ମୋର ସମୟ ଏବେ ବହୁତ କମ୍ ଅଛି । ମୃତ୍ୟୁର ଏକ ଘଂଟା ପୂର୍ବରୁ ମଧ୍ୟ ସକାଳ ୯ଟାରୁ ନେଇ ଦିନ ୧ଟା ପର୍ଯ୍ୟନ୍ତ ନିଜ ଘର ସହିତ ସଲଗ୍ନ କ୍ଲିନିକରେ ରୋଗୀମାନଙ୍କୁ ଦେଖୁଥିଲେ । ଠିକ୍ ୧ଟା ବେଳେ ଘରକୁ ଆସିଲେ ଓ୍ୱଜୁ କରି ମସ୍‌ଜିଦ୍ ମୁବାରକ୍‌ରେ ନମାଜ ପଢ଼ିବାପାଇଁ ମନସ୍ଥ କରିଥିଲେ ବିଛଣା ଉପରେ ବସି ଜୋତା ବାହାର କରୁକରୁ ଅଚାନକ ତାଙ୍କୁ Massive Heartattack ହେଲା ଫଳତଃ ସେ ଅଲ୍ଲାଃଙ୍କ ନିକଟରେ ହାଜର ହୋଇଗଲେ ।

ପଡ଼ୋଶୀମାନଙ୍କ ସହିତ ମଧ୍ୟ ପ୍ରେମଭରା ସୁସମ୍ପର୍କ ଥିଲା ଓ ପଡ଼ୋଶୀମାନେ ମଧ୍ୟ ତାଙ୍କର ବହୁତ ଧ୍ୟାନ ରଖୁଥିଲେ କବିତା ଓ ସାହିତ୍ୟରେ ତାଙ୍କର ସୌକ ମଧ୍ୟ ଥିଲା । ଦୁର୍‌ରେ ସମିନ୍, କଲାମେ ମେହ୍‌ମୁଦ୍ ଏବଂ ଦୁର୍‌ରେ ଅଦନ୍ ର ନଜମ୍ ଗୁଡ଼ିକ ବହୁତ ସୁନ୍ଦର ସ୍ୱରରେ ପାଠ କରୁଥିଲେ । ସେ ବହୁତଗୁଡ଼ିଏ କ୍ୟାସେଟ୍ ରେକର୍ଡ଼ କରାଇଛନ୍ତି । ଭଲ ଶେର୍‌ଗୁଡ଼ିକୁ ବହୁତ ପ୍ରଶଂସା କରୁଥିଲେ । ଜ୍ଞାନ ପିପାଷୁ ଥିଲେ । ସୟଦ ହୁସୈନ୍ ଅହେମଦ୍ ମୁରବୀ ସିଲ୍‌ସିଲା ତାଙ୍କର ସଢୁ ଥିଲେ ସେ କହୁଛନ୍ତି ଯେ, ଡ଼ାକ୍ତର ସାହେବ୍ ବତାଇଛନ୍ତି ଯେ, ଯେତେବେଳେ ସେ ଯମାତ୍‌ର ଡ଼ାକ୍ତରଖାନାରେ ଖୀଦ୍‌ମତ୍ କରିବାପାଇଁ ଲଣ୍ଡନରୁ ପାକିସ୍ତାନ ଯାଉଥିଲେ ଓ ଲାହୋର୍‌ରୁ ଯେତେବେଳେ ଟ୍ରେନରେ ବସି ରବ୍‌ୱାଠାରେ ଓହ୍ଲାଇଲେ ସେତେବେଳେ ସେ, ସିଧା ପ୍ରାଇଭେଟ୍ ସେକ୍ରେଟାରୀଙ୍କ କାର୍ଯ୍ୟାଳୟକୁ ଗଲେ । ହଜରତ ଖଲିଫତୁଲ୍ ମସିହି ସାଲିସ୍ ତାଙ୍କୁ ଭିତରକୁ ଡ଼କାଇଲେ ଓ ପୁଣି ତାଙ୍କୁ କହିଲେ ଯେ, ଆପଣ ଆସିଗଲେ ? ଏଥିରେ ସେ ଉତରରେ କହିଲେ ଜି, ହଜୁର୍ ମୁଁ ହାଜିର ହୋଇଗଲି । ଏଥିରେ ହଜୁର ପୁଣି କହିଲେ ଯେ, ଆପଣଙ୍କ ଘରକୁ ମୁଁ ଚୂନ ଇତ୍ୟାଦି କରାଇ ବନ୍ଦ କରିଦେଇଛି ଆପଣ ଯାଇ ନାଜିରେ ଅଲାଙ୍କଠାରୁ ଚାବିକାଠି ନେଇଯାଆନ୍ତୁ ଓ ସେଠାରେ ରହନ୍ତୁ । ସେ କହୁଛନ୍ତି ଯେତେବେଳେ ମୁଁ ଘରକୁ ଯାଇ କବାଟ ଖୋଲିଲି ଘର ଭିତରେ ଦୁଇଟି ଖଟିଆ ପଡ଼ିଥିଲା ପୁଣି ଆହୁରି ଖଟିଆ ସେ ଯାଇ ନିଜ ପାଇଁ କିଣିଆଣିଲେ ଘରର ସାମାନ୍ କିଣିଲେ ଓ ସେଠାରେ ରହିବାକୁ ଲାଗିଲେ । କୌଣସି ପ୍ରକାରର ଅଭିଯୋଗ ନଥିଲା ଯେ ମୁଁ ବିଲାତରୁ ଆସିଛି ଓ ପ୍ରଥମ ବର୍ଷ ହିଁ ଜଲ୍‌ସାରେ ତାଙ୍କ ଅତିଥିମାନେ ଯେତେବେଳେ ଆସିଲେ ସେତେବେଳେ ସେ , ଜଲ୍‌ସା ଦିନଗୁଡ଼ିକରେ ନିଜର ଘରକୁ ଅତିଥିମାନଙ୍କୁ ଦେଇଦେଲେ ଓ ନିଜେ ପାଳ ଉପରେ ଶୋଉଥିଲେ । ସେ ତାଙ୍କ ଶ୍ୱଶୁର ମୌଲାନା ଅବ୍‌ଦୁଲ୍ ମାଲିକ୍ ଖାନ୍ ସାହେବ୍‌ଙ୍କର ବହୁତ ସେବା କରିଛନ୍ତି । ନିଜ ଶାଶୁଙ୍କର ମଧ୍ୟ ବହୁତ ସେବା କରିଛନ୍ତି । ହୁସୈନ୍ ସାହେବ କହୁଛନ୍ତି ଯେ, ଡ଼ାକ୍ତର ସାହେବ ଏକଥା ବତାଉଥିଲେ କି, ମୋ ସାଥି ଡ଼ାକ୍ତରମାନେ ଯେଉଁମାନେ ବଡ଼ ବଡ଼ ପଦବୀରେ ଅଧିଷ୍ଠିତ ଥିଲେ, ସେମାନେ ମତେ ପଚାରୁଥିଲେ ଯେ, ତୁମେ ରବ୍‌ୱାଭଳି ଛୋଟିଆ ବସ୍ତିରେ ଯେଉଁ କାମ କରୁଛ ତା’ ବଦଳରେ ତୁମକୁ କ’ଣ ମିଳୁଛି ? ସେ କହୁଛନ୍ତି ମୁଁ ତାଙ୍କୁ ଉତର ଦେଉଥିଲି ଯେ, ଲୋକମାନେ ଅନୁମାନ ଲଗାଇପାରିବେ ନାହିଁ ଓ ନା ହିଁ ଆପଣମାନେ ବୁଝିପାରିବେ ଯେ, ମୁଁ ରବ୍‌ୱାରେ ବସି ଯେଉଁ କାମ କରୁଛି ତା’ର ପାଉଣା କଣ ମିଳୁଛି । ଯେଉଁ ଦୁଆ (ଆର୍ଶିବାଦ) ମିଳୁଛି ତା’ର କୌଣସି ମୂଲ୍ୟ ନାହିଁ (ତାହା ଅମୁଲ୍ୟ) । ହଜରତ ମସିହ ମଉଦ ଆ:ସଙ୍କ ସାହାବାମାନଙ୍କର, ହଜରତ ନବାବ୍ ମୁବାରକା ବେଗମ୍ ସାହିବାଙ୍କର, ହଜରତ ସୟଦା ଅମତୁଲ୍ ହଫିଜ୍ ବେଗମ୍ ସାହିବାଙ୍କର ସେବା କରିବାର ସୌଭାଗ୍ୟ ମିଳିଲା । ହଜରତ ଖଲିଫତୁଲ୍ ମସିହି ସାଲିସ୍ ରହେମୁଲ୍ଲାଃଙ୍କ ଦେହାନ୍ତ ସମୟରେ ଇସ୍‌ଲମାବାଦ୍‌ଠାରେ ହଜୁରଙ୍କ ନିକଟରେ ଥିଲେ । ସେହିଭଳି ତାଙ୍କୁ ଆହୁରି ଅନେକ ବୟୋଜ୍ୟେଷ୍ଠ ବ୍ୟକ୍ତି ବିଶେଷଙ୍କ ସେବା କରିବାର ସୌଭାଗ୍ୟ ମିଳିଛି ।

ଡ଼ାକ୍ତର ଅବଦୁଲ୍ ଖାଲିକ୍ ସାହେବ୍ କହୁଛନ୍ତି ଯେ, ଯଦି ମୁଁ ଏକଥା ଲେଖେ ଯେ, ଗରିବମାନଙ୍କର ଡ଼ାକ୍ତର ଏହି ସହରରୁ ବିଦା ହୋଇଗଲେ ବୋଲି, ତେବେ ଏହା ଅଧିକ ହେବ ନାହିଁ । ସେ ଅର୍ଦ୍ଧଶତାବ୍ଦୀରୁ ଅଧିକ ସମୟ ଏ ଇଲାକାର ଗରିବ ଓ ଅସହାୟ ରୋଗୀମାନଙ୍କ ଜାତି,ଧର୍ମ,ବର୍ଣ୍ଣ ନିବିଶେଷରେ ସମସ୍ତଙ୍କର ସେବା କରୁଛନ୍ତି । ସେ ଯେତେବେଳେ ହସ୍ପିଟାଲ୍‌ର ଚିଫ୍ ମେଡ଼ିକାଲ ଅଫିସର ଥିଲେ ସେତେବେଳେ ସେ, ହସ୍ପିଟାଲ୍‌ର ବିଭିନ୍ନ ଜିନିଷପତ୍ର କିଣିବାପାଇଁ ନିଜେ ହିଁ ଲାହୋର ଯାଉଥିଲେ । ମାର୍କେଟରୁ ରେଟ୍‌ଗୁଡ଼ିକର ଯାଇଜା ନେଇ ଭଲ ଜିନିଷଗୁଡ଼ିକ କିଣୁଥିଲେ ଓ ଅଧିକାଂଶ ସମୟ ଦିନତମାମ ସେଥିରେ ଖର୍ଚ୍ଚ ହେଇଯାଉଥିଲା କାରଣ ଯମାତି ଅର୍ଥକୁ ସଠିକ୍ ଦିଆନତ୍‌ଦାରିରେ ଖର୍ଚ୍ଚ କରିବା ମଧ୍ୟ ତାଙ୍କର ବିଶେଷଗୁଣ ଥିଲା । ଡ଼ାକ୍ତରଖାନାରେ ଅଲ୍‌ଟ୍ରାସାଉଣ୍ଡ ଏବଂ ଇଣ୍ଡୋସ୍କପି ବିଭାଗର ସୁଭାରମ୍ଭ ମଧ୍ୟ ସେ କରିଥିଲେ । ପ୍ରାରମ୍ଭରେ ପାଦରେ ଚାଲିଚାଲି ଓ ସାଇକେଲ ଦ୍ୱାରା କେତେକ ବ୍ୟୟଜ୍ୟେଷ୍ଠ ବିଶେଷ ବ୍ୟକ୍ତି ଓ ହଜରତ ମସିହ ମଉଦ ଆ:ସଙ୍କ ସାହାବାମାନଙ୍କୁ ସେମାନଙ୍କ ଘରେ ଯାଇ ଚିକିତ୍ସା କରୁଥିଲେ । ଫଜ୍‌ଲେ ଉମର୍ ହସ୍ପିଟାଲ୍ ସମ୍ବନ୍ଧରେ ସେ କହୁଥିଲେ ଯେ, ଖୋଲପାଏ ଅହେମଦୀୟତ୍‌ଙ୍କ ଦୁଆ ଆ ସହିତ ରହିଛି ଓ ମୁଁ ଚିକିତ୍ସା କରିବା ସମୟରେ ଅଲ୍ଲାଃ ତାଲାଙ୍କ କୃପାରୁ ଏଠାରେ ବହୁତ ଐଶି ଚମତ୍କାର ହେବାର ଦେଖିଛି ।

ଡ଼ାକ୍ତର ସୁଲ୍‌ତାନ୍ ମୁବ୍‌ଶିର୍ ସାହେବ ଲେଖୁଛନ୍ତି ଯେ, ଫଜ୍‌ଲେ ଉମର୍ ହସ୍ପିଟାଲରେ ତାଙ୍କର ସେବା ଅନୁମାନ ମୁତାବକ ୩୦ ବର୍ଷ ଥିଲା । ଏହି ଅବଧିରେ ତାଙ୍କ ଉପରେ କେତେକ ବିପଦି ମଧ୍ୟ ଆସିଛି କିନ୍ତୁ ଖୁଦାତାଲାଙ୍କର ଏହି ବିନମ୍ର ଏବଂ ଦର୍‌ୱେଶ୍ ଭକ୍ତ ନତମସ୍ତକ ରହି ଖୁଦାତାଲାଙ୍କ ଦର୍‌ବାରରେ ଦୁଆ କରୁଥିଲା । ସୁଲ୍‌ତାନ ମୁବଶିର୍ ସାହେବ୍ ଏକଥା ଠିକ୍ ଲେଖିଛନ୍ତି । ହଜୁର କହୁଛନ୍ତି କିଛି କଥା ମୁଁ ମଧ୍ୟ ଜାଣିଛି ସେ କୌଣସି ପ୍ରକାରର ଅଭିଯୋଗ କରିନାହାନ୍ତି । କେତେକ ଅସୁବିଧାର ସେ ସମ୍ମୁଖିନ ହୋଇଛନ୍ତି ଓ ବିପତି ମଧ୍ୟ ଆସିଛି କିନ୍ତୁ ସେ ସବୁକୁ ସେ ବରଦାସ୍ତ କରିଛନ୍ତି । ପୁଣି ଅଲ୍ଲାଃ ତାଲା ତାଙ୍କୁ ମଧ୍ୟ ବହୁତ କିଛି ପ୍ରଦାନ କରିଛନ୍ତି । ସେ କେବେ ଓ୍ୱହଦାଦାର୍ ମାନଙ୍କ ବିଷୟରେ କୌଣସି ଅଭିଯୋଗ ବା ନିଜ ସାଥିମାନଙ୍କ ବିଷୟରେ କୌଣସି ଅଭିଯୋଗ ଅନ୍ୟମାନଙ୍କ ନିକଟରେ ବର୍ଣ୍ଣନା କରିନାହାନ୍ତି । ଡ଼ାକ୍ତର ସୁଲ୍‌ତାନ୍ ମୁବଶିର୍ ସାହେବ ଲେଖୁଛନ୍ତି ଯେ, ମୋର ମନେ ଅଛି କି, କେବଳ ଧନୀଲୋକମାନଙ୍କର ବା ବୟସ୍କଲୋକମାନଙ୍କର ନୁହେଁ ବରଂ ସେ ପ୍ରତ୍ୟେକଙ୍କର ଚିକିତ୍ସା କରୁଥିଲେ ଯେମିତି କି, ପୂର୍ବରୁ କୁହାଯାଇଛି । ଡ଼ାକ୍ତର ସୁଲ୍‌ତାନ୍ ମୁବଶିର୍ ସାହେବ ଗୋଟିଏ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରି କହୁଛନ୍ତି ଯେ, ଥରେ ଦ୍ୱିପ୍ରହର ସମୟରେ ରହ୍‌ମତ୍ ଅଲି ସାହେବ୍ ଡ୍ରାଇଭରଙ୍କ ପତ୍ନୀ ଆପାତକାଳୀନରେ ଭର୍ତି ହେଲେ ମୁଁ ଡ଼ାକ୍ତର ସାହେବଙ୍କୁ ଡ଼ାକ୍ତରଖାନାକୁ ଆସିବାପାଇଁ ଦରଖାସ୍ତ କଲି ସେ କିଛି ମିନିଟ୍ ମଧ୍ୟରେ ନିଜ ଘରୁ ବାହାରି ଆସିଲେ ଓ ତାଙ୍କ ଘର ଦାରୁଲ୍ ଉଲମ୍ ଶର୍କିଠାରେ ଥିଲା ହସ୍ପିଟାଲ୍ ଭିତରେ ନଥିଲା ଏହି ଗ୍ରାମଟି ରବ୍‌ୱାର ଗୋଟିଏ କୋଣରେ ଅବସ୍ଥିତ ସେ ସେଠାରୁ ତତ୍‌କ୍ଷଣାତ୍ ଚାଲିଆସିଲେ । ସେ ଯମାତ୍‌ର ଓ୍ୱଫାଦାର୍ ଥିଲେ କେତେଥର ଏମିତି ହୋଇଛି ଯେ, ଆମେ ଯୁବଡ଼ାକ୍ତରମାନେ ନିଜ ଉପରସ୍ଥ ଅଧିକାରୀଙ୍କ ଦ୍ୱାରା କଠୋର ମନୋଭାବ ଦେଖି ବ୍ୟତିବ୍ୟସ୍ତ ହୋଇପଡୁଥିଲୁ ସେତେବେଳେ ସେ ଆମକୁ ବହୁତ ସ୍ନେହର ସହିତ ବସାଇ ବୁଝାଉଥିଲେ ଯେ, ଆମକୁ ପ୍ରତ୍ୟେକ ଅବସ୍ଥାରେ ନିଜାମ୍‌ର ଆଜ୍ଞାପାଳନ କରିବା ଉଚିତ ଓ ଧୈର୍ଯ୍ୟ ଦେଖାଇବା ଉଚିତ ।

ତାଙ୍କ ପତ୍ନୀ ଶୌକତ୍ ସାହିବାଙ୍କର ଯେତେବେଳେ ଦେହାନ୍ତ ହେଲା ତା’ପର ଦିନ ତାଙ୍କର ଦୁଇଜଣ ଭଣଜାଙ୍କ ବିବାହ ଭୋଜି ଥିଲା ସେହିଦିନ ସେ ବରପାତ୍ରଙ୍କ ଘରକୁ ଯାଇ ବତାଇଲେ ଯେ, ମୋ ସ୍ତ୍ରୀଙ୍କର ଦେହାନ୍ତ ହୋଇଯାଇଛି କିନ୍ତୁ ଆପଣ ପ୍ରୋଗ୍ରାମ ନିଶ୍ଚିତରୂପେ କରନ୍ତୁ । ନିଜର ପ୍ରୋଗ୍ରାମକୁ ବନ୍ଦ କରନ୍ତୁ ନାହିଁ । ତାଙ୍କ ପତ୍ନୀ ବରପାତ୍ରଙ୍କ ମାଉସୀ ଥିଲେ । ହୁସୈନ ସାହେବଙ୍କର ଦୁଇଜଣ ପୁଅ ବିବାହ ହେଉଥିଲେ ଏବଂ ଦୁଇଜଣଙ୍କର ରିସେପସନ୍ସ ଥିଲା କିନ୍ତୁ ସେ କହିଲେ ଆପଣ ନିଶ୍ଚିତରୂପେ ଫଙ୍କସନ୍ କରନ୍ତୁ ଏପରି ନୁହେଁ ଯେ ତାକୁ ରୋକିଦିଅନ୍ତୁ । ତାଙ୍କ ପୁତ୍ର ଡ଼ାକ୍ତର ମେହମୁଦ୍ ସାହେବ୍ କହିଲେ ମୁଁ ଏହି ରିସେପ୍‌ସନ୍ସକୁ ଯିବିନାହିଁ ଘରେ ରହୁଛି ଏଥିରେ ସେ କହିଲେ ନୁହେଁ ଖୁଦାତାଲାଙ୍କ ଇଚ୍ଛାରେ ରାଜି ହୋଇଯିବା ଉଚିତ ଓ ପୁଣି ତାଙ୍କୁ କହିଲେ ଏହିଭଳି ମୌକାରେ ତ ମଣିଷଙ୍କର ପରୀକ୍ଷା ନିଆଯାଇଥାଏ । ଧୈର୍ଯ୍ୟ ଓ ଅଲ୍ଲାଃ ତାଲାଙ୍କ ପ୍ରସନ୍ନତା (ଇଚ୍ଛା ସମ୍ବନ୍ଧରେ ଜଣାପଡ଼ିଥାଏ) ପୁଣି ସେ ନିଜ ପୁଅକୁ ସାଙ୍ଗରେ ଧରି ଦାଓ୍ୱତ୍‌ରେ (ରିସେପ୍‌ସନ୍ସ)ରେ ସାମିଲ ହେଲେ ଏବଂ ସେ ସାହିରେ ଏକଥାର ପ୍ରବନ୍ଧ କରିଦେଲେ ଯେ, ଦାଓ୍ୱତେ ଓ୍ୱଲିମା (ବିଭାଘର ରିସେପ୍‌ସନ) ସମୟରେ ମୃତ୍ୟୁ ବିଷୟରେ କାହାକୁ ଏତଲା ନ ଦିଆଯାଉ । ଅଲ୍ଲାଃ ତାଲା ତାଙ୍କ ଉପରେ ଦୟା କରନ୍ତୁ ଓ ତାଙ୍କର ଦୋଷ କ୍ଷମା କରନ୍ତୁ ତାଙ୍କ ପିଲାମାନଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସାହାସ ପ୍ରଦାନ କରନ୍ତୁ । କାରଣ ସେ ପିଲାମାନଙ୍କର ମାଆ ବାପା ଆଗପଛ ହୋଇ ମୃତ୍ୟୁବରଣ କରିଛନ୍ତି । ଏହି ଦୁଇଜଣ ସ୍ୱାମୀ, ସ୍ତ୍ରୀଙ୍କର ଯେଉଁ ପୂଣ୍ୟ କର୍ମ ରହିଛି ଖୁଦାତାଲା ସେ ସବୁକୁ ତାଙ୍କ ସନ୍ତାନମାନଙ୍କ ମଧ୍ୟରେ ଜାରି ରଖନ୍ତୁ । ତାଙ୍କ ମାଆ ଯେମିତି କି ମୁଁ କହିସାରିଛି ଯେ, ଏବେ ଜୀବିତ ଅଛନ୍ତି ଓ ବହୁତ ବେମାର ମଧ୍ୟ ଅଛନ୍ତି ଅଲ୍ଲାଃ ତାଲା ତାଙ୍କ ଉପରେ ମଧ୍ୟ ଦୟା ଓ କୃପା କରନ୍ତୁ ।

⌘⌘⌘⌘⌘⌘⌘⌘⌘⌘

*ପୃଷ୍ଠା- ୦୧ ର ଅବଶିଷ୍ଟାଂଶ ......*

ଲୋକମାନେ ଧ୍ୱଂସ ହୋଇଗଲେ, ଯେଉଁମାନଙ୍କର ମନ ବିଭ୍ରାନ୍ତିର ଗହ୍ୱର ଭିତରେ ପଡ଼ି ରହିଛି । ଗମ୍‌ରାଃ ଶବ୍ଦଟି ଚାପି ଦେଉଥିବା ଜିନିଷକୁ କୁହାଯାଏ, ଯିଏ ମୁଣ୍ଡ ଉଠାଇବାକୁ ଦିଏ ନାହିଁ । ଖେତରେ ମଧ୍ୟ ଗମ୍‌ରାଃ ପଡ଼ିଥାଏ ଯାହାକୁ କରଣ୍ଡ କୁହାଯାଏ । ଅଲ୍ଲାଃ ତାଲା କହୁଛନ୍ତି ଯେ ଅନୁମାନକୁ ଭିତିକରି କହୁଥିବା ଲୋକମାନେ ଧ୍ୱଂସ ହୋଇଗଲେ । ଏପର୍ଯ୍ୟନ୍ତ ସେମାନଙ୍କ ଆତ୍ମା ଗମ୍‌ରାଃରେ (ଅର୍ଥାତ ବିଭ୍ରାନ୍ତ ଭିତିରେ) ପଡ଼ି ରହିଛି । ମୋମିନ୍‌ମାନଙ୍କୁ ଏହି ଆୟତରେ ଏକ ଦୃଷ୍ଟାନ୍ତ ଦେଇ ସଚେତନ କରାଯାଉଅଛି ଯେ, ଯେ ପର୍ଯ୍ୟନ୍ତ ଗମ୍‌ରାଃ ଦୂର ନ ହୋଇଛି ସେ ପର୍ଯ୍ୟନ୍ତ ସହୃଦୟତାର ସହିତ କାର୍ଯ୍ୟ ସାଧନ ହୋଇପାରିବ ନାହିଁ ଏବଂ ଦୂରଦର୍ଶୀ ବୋଲାଇପାରିବ ନାହିଁ । କତଲ୍ ଏଥିଯୋଗୁଁ କହିଛନ୍ତି ଯେ ତାହା ଦୟାର ସ୍ଥାନ ଅଟେ । ଅର୍ଥାତ ସେ ନିଜେ ହିଁ କର୍ତା ଅଟେ । ନିଜକୁ ନିଜେ ଧ୍ୱଂସ କରିଛି । କେତେକଙ୍କ ନିକଟରେ ଅନୁମାନକୁ ଭିତିକରି କଥା କହିବାର ଗୁଣ ଥାଏ । ସେମାନେ ଦୂରଦୃଷ୍ଟି ସମ୍ପନ୍ନ କାର୍ଯ୍ୟ କରିନଥାନ୍ତି ବରଂ ବ୍ୟର୍ଥ ଚିନ୍ତା ଓ ଅନୁମାନ ଭିତିରେ କାର୍ଯ୍ୟ କରିଥାନ୍ତି । ଏବଂ ସେଥିରେ ହିଁ ସେ ନିଜର ସିଦ୍ଧି ବିବେଚନା କରିଥାନ୍ତି । ମୋର ଉଦ୍ଦେଶ୍ୟ ଏହା ଥିଲା କି, ଚରିତ୍ର ବିଷୟରେ ରସୁଲୁଲ୍ଲାଃ ସ:ଆ:ସଙ୍କ ପୂର୍ଣ୍ଣ ନମୁନା ଉପସ୍ଥାପନ କରେ । ଯିଏ ଜଣେ ପୂର୍ଣ୍ଣ ବ୍ୟକ୍ତିତ୍ୱ ଥିଲେ । ତା’ପରେ ଅଲଗା ଅଲଗା ଆପଣଙ୍କ ଚରିତ୍ରରୁ ଭାଗ ନିଆଗଲା । କେହି ଜଣେ ଗୋଟିଏ ନେଲା ତ ଆଉ କିଏ ଅନ୍ୟଟିକୁ ଗ୍ରହଣ କଲା । ଏବଂ ଜଣକୁ ଅନ୍ୟଜଣଙ୍କ ସମ୍ବନ୍ଧରେ ବିଭ୍ରାନ୍ତ ହୋଇଗଲା । ଯେଉଁଭଳି ଚାଷିଙ୍କ ପାଇଁ ଏହା ଜରୁରୀ ଅଟେ ଯେ ଉକ୍ତ ଗମ୍‌ରାଃ (ବିଭ୍ରାନ୍ତ)କୁ ଦୂର କରୁ ନଚେତ ତା’ର ପ୍ରଭାବ ଅନ୍ୟ ଚାରା ଉପରେ ଭଲ ପଡ଼ିବ ନାହିଁ । ସେହିଭଳି ପ୍ରତ୍ୟେକ ବ୍ୟକ୍ତି ବିଭ୍ରାନ୍ତିକୁ ଦୂର କରୁ ନଚେତ ଆଶଙ୍କା ଅଛି କି ତାହା ଅନ୍ୟ ସୁଗୁଣଗୁଡ଼ିକୁ ମଧ୍ୟ ନ ନେଇଯାଉ ।

***(ମଲ୍‌ଫୁଜାତ୍ ଖଣ୍ଡ-୧, ପୃ-୧୧୪ ରୁ ୧୧୭ ପ୍ରକାଶନ୨୦୧୮ କାଦିୟାନ)***

*ପୃଷ୍ଠା- ୧୨ ର ଅବଶିଷ୍ଟାଂଶ ......*

ନମୁନାକୁ କାଏମ୍ କରିବାପାଇଁ ଚେଷ୍ଟା କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଏହା ମଧ୍ୟ ମନେରଖନ୍ତୁ ଯେ, ଆପଣମାନେ ଯାମିୟା ଅହେମଦୀୟା ଜର୍ମାନୀରୁ ପାଶ୍ ହୋଇଥିବା ପ୍ରଥମ ବ୍ୟାଚ ଅଟନ୍ତି ଏହି ଦୃଷ୍ଟିକୋଣୁ ମଧ୍ୟ ଲୋକମାନଙ୍କର ନଜର ଆପଣମାନଙ୍କ ଉପରେ ରହିବ ଯେ, ଯେ ହେଉଛି ପ୍ରଥମ କ୍ଲାସ ଯେଉଁମାନେ ଏଠାରୁ ଉତୀର୍ଣ୍ଣ ହୋଇଛନ୍ତି । ଦେଖିବା ଏମାନେ କର୍ମ କ୍ଷେତ୍ରରେ କିପରି କାମ କରୁଛନ୍ତି ? ଏମାନଙ୍କର ଟ୍ରେନିଙ୍ଗ କିପରି ଅଛି ? ଏମାନଙ୍କର ଜ୍ଞାନ କେତେ ? ଏମାନଙ୍କର ତର୍‌ବିୟତ୍ (ପ୍ରଶିକ୍ଷଣ) କିପରି ହୋଇଅଛି ? ଏବଂ ପୁଣି ଆପଙ୍କ ଅବସ୍ଥାକୁ ଦେଖି ଯମାତ୍ ଉପରେ ପ୍ରଭାବ ପଡ଼ିଥାଏ କିନ୍ତୁ ଏହା ପୂର୍ବରୁ ଆପଣମାନଙ୍କର ଇନ୍ତେଜାମିୟା ଉପରେ ମଧ୍ୟ କଥା ଆସିବ ସୁତରାଂ ଏହା ମଧ୍ୟ ମନେ ରଖନ୍ତୁ ଯେ, ଯେଉଁଠି ଶିକ୍ଷକମାନଙ୍କର ଇଜ୍ଜତର କଥା ଉଠୁଛି ସେଠାରେ ଆପଣମାନଙ୍କର ଏ ଦାୟିତ୍ୱ ମଧ୍ୟ ରହିଛି ଯେ. ନିଜର ଶିକ୍ଷକମାନଙ୍କର ଇଜ୍ଜତକୁ କାଏମ୍ ରଖିବାପାଇଁ ଆପଣମାନେ କର୍ମ କ୍ଷେତ୍ରରେ ନିଜର ନମୁନାକୁ କାଏମ୍ କରିବାକୁ ହେବ । ନଚେତ ଲୋକମାନେ ଏକଥା କହିବେ ଯେ, ଏଠାରୁ ଯେଉଁ ବିଦ୍ୟାର୍ଥୀମାନେ ବାହାରିଛନ୍ତି ସେମାନେ ଲାଠ୍ ହୋଇ ବାହାରିଛନ୍ତି । ଏମାନଙ୍କର ଏପରି ତର୍‌ବିୟତ ହୋଇଛି ବା ଏମାନଙ୍କର ଅବସ୍ଥା ଏପରି ଅଟେ । ଯଦି କୌଣସି ଖରାପ କାର୍ଯ୍ୟ, କମି ଏବଂ ଦୁର୍ବଳତା ଅଛି ତେବେ ଏହାର ଅର୍ଥ ହେଉଛି ଏହା କି, ଏମାନଙ୍କୁ ପାଠ ପଢ଼ାଇଥିବା ଶିକ୍ଷକାମନେ ମଧ୍ୟ ଏଭଳି ହୋଇଥିବେ । ଯେଉଁ ଇନ୍ତେଯାମିୟା ଅଛି ସେମାନେ ମଧ୍ୟ ଏହିଭଳି ହୋଇଥିବେ, ଯମାତ୍‌ର ଯେଉଁ ବ୍ୟବସ୍ଥା ଅଛି ତାହା ମଧ୍ୟ ଦୁର୍ବଳ ହୋଇଥିବ । ତେବେ ତ ଏମାନେ ଦୁର୍ବଳ ଅବସ୍ଥାରେ ଏଠାରୁ ବାହାରିଛନ୍ତି । ତେଣୁ ପ୍ରତିକ୍ଷେତ୍ରୁ ଆପଣମାନଙ୍କୁ ନିଜର ଦାୟିତ୍ୱ ଓ କର୍ତବ୍ୟକୁ ଦେଖିବାକୁ ହେବ, ପରଖିବାକୁ ହେବ ଏବଂ ଚିନ୍ତା କରିବାକୁ ହେବ । ପୁଣି ସେହିଭଳି ଆପଣମାନଙ୍କ ପଛରେ ଯେଉଁମାନେ ଆସୁଛନ୍ତି ସେମୋନଙ୍କ ପାଇଁ ମଧ୍ୟ ଆପଣମାନଙ୍କୁ ଉଦାହରଣ କାଏମ୍ କରିବାକୁ ହେବ, ନମୁନା ପ୍ରତିଷ୍ଠା କରିବାକୁ ହେବ । ଅର୍ଥାତ ପ୍ରଥମ କ୍ଲାସଟି ପ୍ରତିକ୍ଷେତ୍ରୁ ଯେମିତି ଇଂରାଜିରେ କୁହାଯାଇଥାଏ । Trend Setter ହୋଇଥାଏ । ଆପଣମାନେ ହିଁ, ଆକୃଷ୍ଟ ହେବାର କେନ୍ଦ୍ର ହେବେ । ଆପଣମାାନି ହିଁ ପଛରେ ଆସୁଥିବା ଲୋକମାନଙ୍କୁ ରାସ୍ତା ଦେଖାଇବେ ଏବଂ ଏପରି ନମୁନା ପ୍ରତିଷ୍ଠା କରିବ ଯେ, ଯଦ୍ୱାରା ପଛେ ପଛେ ଆସୁଥିବା କ୍ଲାସ୍‌ଗୁଡ଼ିକ ମଧ୍ୟ ଏସ୍ତର କାଏମ୍ କରନ୍ତୁ ଯେ, ଆମ ପ୍ରତଥମ କ୍ଲାସ୍‌ଟି ନାନାପ୍ରକାରର ଅସୁବିଧାର ସମ୍ମୁଖୀନ ହେବା ସତ୍ୱେ ମଧ୍ୟ, ଉଚ୍ଚତମ ସ୍ତର କାଏମ୍ କରିଛନ୍ତି ଏବଂ ସେମାନେ କର୍ମ କ୍ଷେତ୍ରରେ ମଧ୍ୟ ଉଚ୍ଚ ସ୍ତର ପ୍ରତିଷ୍ଠା କରିଛନ୍ତି । ତେଣୁ ଆମେମାନେ ଏବେ ତାଙ୍କଠାରୁ ଅଧିକା ବା ଅତିକମ୍‌ରେ ସେମାନଙ୍କର ବରାବର ଉଚ୍ଚସ୍ତରକୁ ପ୍ରତିଷ୍ଠା କରିବୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସୁତରାଂ ଗୋଟିଏ ପିଢ଼ି ପରେ ଆଉ ଗୋଟିଏ ପିଢ଼ି ଗୋଟିଏ କ୍ଲାସ ପରେ ଦ୍ୱିତୀୟ କ୍ଲାସ ଏହି ସ୍ତରକୁ ଦେଖିବ ଓ ଆଗକୁ ବଢ଼ିବାପାଇଁ ଚେଷ୍ଟା କରିବା ସେତେବେଳେ ପୁଣି ଉକ୍ତ ସ୍ତର କାଏମ୍ ହୋଇପାରିବ ଯାହାର ଆଶା ହଜରତ ମସିହ ମଉଦ ଆ:ସ ନିଜ ଯମାତ୍‌ର ସଦସ୍ୟମାନଙ୍କଠାରୁ ରଖିଛନ୍ତି । ମୁବଲିଗିନ୍ ଏବଂ ମୁରବୀୟାନ୍ ମାନଙ୍କ ନିକଟରୁ ଯେଉଁ ଆଶା କରାଯାଇପାରେ । ଅନ୍ୟଥା ଆଗେ ବଢ଼ିବା ପରିବର୍ତେ ଅବନତି ହେବ ଓ ପଛକୁ ପାଦ ଫେରିବା ଆରମ୍ଭ ହୋଇଯିବ ଏବଂ ସ୍ତର ତଳକୁ ତଳ ପଡ଼ିଚାଲିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ଏବେ ରିପୋର୍ଟରେ ବତାଗଲା ଯେ, ମୌଲାନା ଅବ୍‌ଦୁଲ୍ କରିମ୍ ସାହେବ ର:ଅ ଏବଂ ହଜରତ ମୌଲାନା ବୁର୍‌ହାନୁଦ୍ଦିନ୍ ସାହେବ୍ ଯେହଲମି ର:ଅଙ୍କ ସ୍ତର କଣ ଥିଲା ? ଏମାନେ ଜ୍ଞାନ ଓ ପ୍ରଜ୍ଞାରେ ବହୁତ ଅଧିକ ଥିଲେ, ବିନୟଭାବ ଓ ବିନମ୍ରତାରେ ବହୁତ ଉପର ସ୍ତରରେ ଥିଲେ । ଭକ୍ତିଭାବରେ ଅଧିକ ଥିଲେ ସୁତରାଂ ଆମକୁ ସେହି ନମୁନା ପ୍ରତିଷ୍ଠା କରିବାକୁ ହେବ ତେବେ ଯାଇ ଆମେ ସେହି ସ୍ତରକୁ ପ୍ରତିଷ୍ଠା କରିପାରିବା ତେବେ ଯାଇ ଆମେ ନିଜର ଏହି ସ୍ଥାନକୁ କାଏମ୍ ରଖିପାରିବା ଯାହା ଉପରେ ଅଲ୍ଲାଃ ତାଲା ଓ ତାହାଙ୍କ ରସୁଲ୍ ଆମକୁ ଦେଖିବାକୁ ଚାହୁଁଛନ୍ତି ଏବଂ ଯେଉଁ ସ୍ଥାନକୁ ହାସଲ କରିବାପାଇଁ ହଜରତ ମସିହ ମଉଦ ଆ:ସ ବାରମ୍ବାର ଆମକୁ ଉପଦେଶ ଦେଇଛନ୍ତି । ସୁତରାଂ ଏହି ସବୁ ଜିନିଷକୁ ମନେ ରଖନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ,ପୁଣି ଆଉଗୋଟିଏ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା କି ଯେପରି କି ପୂର୍ବରୁ ମୁଁ ମଧ୍ୟ କହିସାରିଛି ଯେ, ମଣିଷ ଜ୍ଞାନକୁ ଜନ୍ମଠାରୁ ନେଇ ମୃତ୍ୟୁପର୍ଯ୍ୟନ୍ତ ହାସଲ କରିଥାଏ ତେଣୁ ଏକଥା ନ ଭାବ ଯେ, ଆପଣମାନେ ଯାହା କିଛି ଯାମିୟାରେ ପଢ଼ିସାରିଛନ୍ତି ତାହା ସବୁ ଯଥେଷ୍ଟ ବୋଲି । ଏହି ଜ୍ଞାନକୁ ଆପଣମାନେ ଆହୁରି ବୃଦ୍ଧି କରିଚାଲନ୍ତୁ । ଯାମିୟାରେ ପାଠ ପଢ଼ିନେବା ଆପଣମାନଙ୍କ ଜ୍ଞାନର ଅନ୍ତ ନୁହେଁ ମୁଁ ପୂର୍ବରୁ ମଧ୍ୟ ଅନେକଥର ବିଭିନ୍ନ ଯାମିୟାରେ ଏକଥା କହିସାରିଛି ଓ ବୋଧ ହୁଏ ଆପଣଙ୍କୁ ମଧ୍ୟ କହିଥିବି ଯେ, ଏହି ସାତ ବର୍ଷ ଆପଣଙ୍କୁ ପ୍ରଶିକ୍ଷଣ ଦିଆଯାଇଛି କି ପଢ଼ିବାର ତରିକା କଣ ? କିଭଳି ଆପଣ ପାଠ ପଢ଼ିବେ ? କିଭଳି ଆପଣ ଜ୍ଞାନକୁ ବୃଦ୍ଧି କରିବେ ? କେଉଁ କେଉଁ ବିଷୟ ଉପରେ ଅଧ୍ୟୟନ କରିବାପାଇଁ ଆଗ୍ରହ ସୃଷ୍ଟି କରିବେ ? କେଉଁ ନିବନ୍ଧଗୁଡ଼ିକ ଆପଣମାନଙ୍କ ତର୍‌ବିୟତରେ ଆପଣମାନଙ୍କ କାମରେ ଆସିପାରିବ । କେଉଁ ବିଷୟଗୁଡ଼ିକ ତବ୍‌ଲିଗ୍ କାର୍ଯ୍ୟରେ ଆପଣଙ୍କ କାର୍ଯ୍ୟରେ ଲାଗିପାରିବ । ପବିତ୍ର କୁର୍‌ଆନ୍ ଏପରି ଏକ ପୁସ୍ତକ ଯାହା ତର୍‌ବିୟତ ପାଇଁ ମଧ୍ୟ ଯେଉଁଭଳି ଗୁରୁତ୍ୱପୂର୍ଣ୍ଣ ସେହିଭଳି ତବ୍‌ଲିଗ୍ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ । ଆତ୍ମାଶୁଦ୍ଧି ପାଇଁ ମଧ୍ୟ ଓ ଅନ୍ୟ ମାନଙ୍କ ଇସ୍‌ଲାହ ପାଇଁ ମଧ୍ୟ, ନିଜର ତର୍‌ବିୟତ ପାଇଁ ମଧ୍ୟ ଓ ଅନ୍ୟମାନଙ୍କ ତର୍‌ବିୟତ୍ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଟେ । ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ପ୍ରତ୍ୟେକ କ୍ଷେତ୍ରପାଇଁ ବିଷୟବସ୍ତୁ ବର୍ଣ୍ଣନା କରିଛନ୍ତି । ତାହା ମୁତାବକ ଯଦି ଆପଣ ପଢ଼ିବାପାଇଁ ଚେଷ୍ଟା କରିଚାଲିବେ ତେବେ ପ୍ରତି କ୍ଷେତ୍ରରେ ଆପଣମାନେ ସଫଳତା ହାସଲ କରିପାରିବେ ଓ ଉନ୍ନତି କରିଚାଲିବେ । ତେଣୁ ଏଥିପ୍ରତି ମଧ୍ୟ ଧ୍ୟାନ ଦିଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଆଜିକାଲି ଇସ୍‌ଲାମ୍ ଉପରେ ଏ ଦୁନିଆର ବହୁତ ନଜର ରହିଛି ପ୍ରଶ୍ନ କରାଯାଉଛି ଯେ, ଇସ୍‌ଲାମ୍‌ର ଶିକ୍ଷା କଣ ? ଇସ୍‌ଲାମ କଣ କହୁଛି ? କେତେକ ମୁସଲମାନ ସଂଘଟନ ତରଫରୁ ବରଂ ଅଧିକାଂଶ ମୁସଲମାନଙ୍କ ତରଫରୁ ଚରମପନ୍ଥୀ କାର୍ଯ୍ୟକଳାପର ପରିପ୍ରକାଶ ହେଉଅଛି ତେଣୁ ଏ ଦୁନିଆ ଏକଥା ବୁଝୁଛି ଯେ, କାଳେ ଏହା ହେଉଛି ଇସ୍‌ଲାମ୍‌ର ଶିକ୍ଷା ତେଣୁ ଆପଣମାନେ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷାକୁ ପୃଥିବୀବାସୀଙ୍କୁ ବତାଇବାକୁ ହେବ । ଆପଣମାନେ ଏହି ଚରମପନ୍ଥୀ ଦଳମାନଙ୍କୁ କାର୍ଯ୍ୟକଳାପକୁ ରଦ୍ଦ କରିବାପାଇଁ ପବିତ୍ର କୋରାନ୍‌ର ଶିକ୍ଷାକୁ ହିଁ ସ୍ୱଷ୍ଟଭାବେ ଦୁନିଆ ସାମ୍‌ନାରେ ଆଣିବାକୁ ହେବ । ଆଜିକାଲି ଏ ଦୁନିଆ ସାମନାରେ ଇସ୍‌ଲାମର ଯେଉଁ ନମୁନା ପେଶ୍ କରାଯାଉଛି ତାହା କେବଳ ଚରମପନ୍ଥୀ ମୁସଲମାନମାନଙ୍କର ନମୁନା ଅଟେ । ତେଣୁ ଆପଣମାନେ ଇସ୍‌ଲାମ୍‌ର ପ୍ରେମପୂର୍ଣ୍ଣ ଓ ଭଲପାଇବାର ନମୁନାକୁ ସଂସାର ସମ୍ମୁଖରେ ଉପସ୍ଥାପନ କରିବେ ଓ ସେଥିପାଇଁ ଆପଣମାନଙ୍କୁ ଧର୍ମଜ୍ଞାନ ଆହରୋଣ କରିବା ସହିତ ସମୟ ସାମୟିକ ପରିସ୍ଥିତିର ଜ୍ଞାନ ରହିବା ମଧ୍ୟ ଜରୁରୀ ଅଟେ । ଆପଣ ଯେଉଁ ଦେଶରେ ମୁତୟନ ଅଛନ୍ତି ସେ ଦେଶର ଅବସ୍ଥା ବିଷୟରେ ଆପଣମାନଙ୍କୁ ଜ୍ଞାନ ରହିବା ଉଚିତ । ଜରୁରୀ ନୁହେଁ କି ଜର୍ମାନୀରୁ ଉତୀର୍ଣ୍ଣ ହୋଇ ଆପଣମାନେ ଜର୍ମାନୀରେ ରହିବେ ବୋଲି ତେଣୁ ଆପଣ ଯେଉଁଠାରେ ମଧ୍ୟ ରୁହନ୍ତୁ ସେ ଦେଶର ପରିସ୍ଥିତି ସମ୍ବନ୍ଧରେ ଜ୍ଞାନ ରହିବା ଉଚିତ ସଂସାରର ପାରିପାର୍ଶ୍ୱିକ ପରିସ୍ଥିତି ବିଷୟରେ ଜ୍ଞାନ ରହିବା ଉଚିତ ଯେ, ଏବେ କଣ କିଛି ଘଟୁଅଛି ଓ ଏହାର ସମାଧାନର ବାଟ କଣ ? ଅଧିକାଂଶ ପ୍ରଶ୍ନ ଏପରି ଉଠୁଛି ଯାହାର ଉତର ଏବଂ ଯାହାର ସମାଧାନ ଆପଣ ପବିତ୍ର କୋରାନ୍ ପଢ଼ିଲେ ଓ ସେଥିରେ ଖୋଜିଲେ ମିଳିଯିବ । ପୁଣି ଆଁ ହଜରତ ସ:ଆ:ସଙ୍କ ସୁନ୍ନତ ମଧ୍ୟରୁ ଓ ଆପଣ ସ:ଆ:ସଙ୍କ ହଦୀସ୍‌ରୁ ସମାଧାନର ବାଟ ମିଳିଥାଏ । ପୁଣି ହଜରତ ମସିହ ମଉଦ ଆ:ସଙ୍କ ବାଣୀରେ ମଧ୍ୟ ଏହି ସବୁ ସମାଧାନ ମହଜୁଦ୍ ରହିଛି ତେଣୁ ଏହି ସବୁକୁ ଖୋଜନ୍ତୁ ଓ ଏହି ପରି ଜ୍ଞାନର ବୃଦ୍ଧି କରିଚାଲନ୍ତୁ । ପୃଥିବୀର ବର୍ତମାନର ପରିସ୍ଥିତି ସମ୍ବନ୍ଧରେ ହଜରତ ମୁସ୍‌ଲେହ ମଉଦ ର:ଅଙ୍କ ଦ୍ୱାରା ଲିଖିତ ଲିଟେରଚର୍ ଗୁଡିକ ରହିଛି, ତାଙ୍କର ଭାଷଣ ଗୁଡ଼ିକ ଅଛି, ସମ୍ବୋଧନ ଅଛି, ତେଣୁ ସେଗୁଡ଼ିକ ମଧ୍ୟରେ ବହୁତ ଗୁଡିଏ ବିଷୟ ଏପରି ମିଳିଯିବ ଯଦି ଆପଣମାନେ ସେଗୁଡ଼ିକୁ ପଢ଼ିବେ ତେବେ ସେଥିରେ ଆପଣମାନଙ୍କୁ ବୁନିୟାଦି ଢ଼ାଂଚା ମିଳିଯିବ ଯେ, ଏ ପ୍ରଶ୍ନ ଏପରି ସମାଧାନ କରିବାପାଇଁ ଚେଷ୍ଟା କରିବା ଉଚିତ । ଅର୍ଥାତ ଆପଣମାନଙ୍କୁ ତା'ର ସିଦ୍ଧାନ୍ତ ଏଠାରେ ମିଳିଯିବ । ପୁଣି ସେହିସବୁ ସିଦ୍ଧାନ୍ତ ଗୁଡ଼ିକୁ ସମ୍ମୁଖରେ ରଖି ଆଗକୁ ବର୍ତମାନ ପରିସ୍ଥିତି ମୁତାବକ ସେ କଥାକୁ ପ୍ରଚାର ପ୍ରସାର ମଧ୍ୟ କରିପାରିବେ ତେଣୁ ସେ ସବୁକୁ ପଢ଼ିବାପାଇଁ ବହୁତ ଚେଷ୍ଟା କରନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଯେମିତି କି ମୁଁ ସେହି ଆୟତଟି ପଢ଼ିଥିଲି ସେଥିରେ ''***ଇନ୍ନନି ମିନଲ୍ ମୁସ୍‌ଲେମିନ୍***''

### ହଦିସ୍ ନବଓ୍ୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family,*
*Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah,*
*Jamat Ahmadiyya, Pankal (Odisha)*

ର ଶବ୍ଦ ରହିଛି ଏହା ବହୁତ ଗୁରୁତ୍ୱପୂର୍ଣ୍ଣ କଥା ଯାହାକୁ ସର୍ବଦା ମନେରଖନ୍ତୁ ଯେ ପର୍ଯ୍ୟନ୍ତ ଆପଣଙ୍କ ନିକଟରେ ପୂର୍ଣ୍ଣ ଆଜ୍ଞାବହତା ନ ହେବ ନା ତ ଆପଣଙ୍କ ଜ୍ଞାନରେ ବୃଦ୍ଧି ହୋଇପାରିବ ନା ଆପଣଙ୍କ ବୃଦ୍ଧିରେ ବିକାଶ ହୋଇପାରିବ ଏବଂ ନା ଆପଣମାନଙ୍କୁ କଥା କହିବାର ଶୈଳୀ ଆସିବ ବରଂ ଏହାର ବିପରୀତ ହିଁ ହେବ । ଅହମ୍ ଭାବ ସୃଷ୍ଟି ହେବ ଓ ଜ୍ଞାନରୁ ଦୁରେଇ ମଧ୍ୟ ଯିବ କିଛି ଲୋକ ଭାବୁଛନ୍ତି ଯେ, ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ବୋଧ ହୁଏ ଜ୍ଞାନକୁ ରୋକିଦେବାର କାରଣ ଅଟେ । ଯେବେ କି ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବାର ଅର୍ଥ ହେଉଛି ଯେତେବେଳେ ଏ ଶବ୍ଦଟି ଅଲ୍ଲାଃ ତାଲା ଏବଂ ତାହାଙ୍କ ରସୁଲ୍‌ଙ୍କ ନିମନ୍ତେ ବ୍ୟବହାର ହୋଇଥାଏ ସେତେବେଳେ ଅଲ୍ଲାଃ ତାଲାଙ୍କ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରି ତା'ର ଜ୍ଞାନକୁ ତଲାସ୍ କର । ରସୁଲ୍‌ଙ୍କ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରି ରସୁଲ୍‌ଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ତଲାସ୍ କର । ଏହି ଜିନିଷଗୁଡ଼ିକ ଆପଣଙ୍କୁ ପବିତ୍ର କୁରଆନ୍, ହଦିସ ଏବଂ ହଜରତ ମସିହ ମଉଦ ଆ:ସଙ୍କ ବାଣୀପ୍ରତି ଧ୍ୟାନ ଆକର୍ଷଣ କରାଇବେ । ପୁଣି ଖଲିଫାମାନଙ୍କ କଥା ପ୍ରତି ଧ୍ୟାନ ଦିଅନ୍ତୁ ଯେ, ଯୁଗ ଖଲିଫା କଣ କହୁଛନ୍ତି । ଯେତେବେଳେ ଏହିଭଳି ପୂର୍ଣ୍ଣ ଆଜ୍ଞାବହତା ହେବ ସେତେବେଳେ ଆପଣଙ୍କ ଜ୍ଞାନ ଓ ପ୍ରଜ୍ଞା ମଧ୍ୟ ବଢ଼ିବ ନଚେତ ଅହଂକାର ରହିବ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୂର୍ଣ୍ଣ ଆଜ୍ଞାବହ କେଉଁମାନେ ହୋଇଥାନ୍ତି ? ଯେମିତି କି ମୁଁ କହିଛି ଯେ ସେହିମାନେ ହିଁ ହୋଇଥାନ୍ତି ଯେଉଁମାନେ ଅଲ୍ଲାଃ ତାଲାଙ୍କର ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିଥାନ୍ତି, ରସୁଲ୍‌ଙ୍କ ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିଥାନ୍ତି, ଖିଲାଫତର ପୂର୍ଣ୍ଣ ଆଜ୍ଞାବହତା ପାଳନ କରିଥାନ୍ତି ଏବଂ ସ୍ତର ଅନୁସାରେ ଯେଉଁମାନେ ମଧ୍ୟ ଉପରେ ଥାନ୍ତି ସେମାନଙ୍କର ଆଜ୍ଞାପାଳନ କରିଥାନ୍ତି । କାରଣ ଯଦି ଆଜ୍ଞାପାଳନ କରିବା ଓ ଆଜ୍ଞାବହତା ସ୍ୱୀକାର କରିବାନାହିଁ ତେବେ ପୁଣି ଆପଣଙ୍କ ତର୍‌ବିୟତ୍ ଫଳପ୍ରଦ ହୋଇପାରିବ ନାହିଁ । ନା' ତବ୍‌ଲିଗ୍ ଫଳପ୍ରଦ ହୋଇପାରିବ ପ୍ରତ୍ୟେକଙ୍କ ନିଜର କିବ୍‌ଲା ହେବ ଏବଂ ଯେତେବେଳେ କିବ୍‌ଲା ଭିନ୍ନ ଭିନ୍ନ ହୋଇଯାଏ ସେତେବେଳେ ଏକତା ରହେ ନାହିଁ ଓ ଯେତେବେଳେ ଏକତା ରହେ ନାହିଁ ସେତେବେଳେ କୌଣସି କାର୍ଯ୍ୟରେ ବର୍‌କତ୍ ହୁଏନାହିଁ ଓ ନାହିଁ ସେହି କାର୍ଯ୍ୟର ପୂଣ୍ୟଫଳ ବାହାରିପାରେ । ତେଣୁ ଯେଉଁ କେତେକ ଲୋକେ ଏକଥା ଭାବୁଛନ୍ତି ଯେ, ବୋଧ ହୁଏ ଆଜ୍ଞାପାଳନ କରିବା ଦ୍ୱାରା ଆମକୁ ତାହା ଜ୍ଞାନରୁ ବଂଚିତ କରୁଅଛି, ତାହା ଆମକୁ ଚିନ୍ତା କରିବାରୁ ବଂଚିତ କରୁଅଛି ବା ଆମକୁ ଆଗକୁ ବଢ଼ିବାକୁ ଦେଉନାହିଁ ଏହା ହେଉଛି ଭୁଲ୍ କଥା । ଇତାଅତ୍ (ଆଜ୍ଞାବହତା ସ୍ୱୀକାର କରିବା) ରୁ ହିଁ ସମସ୍ତ କଥା ହାସଲ ହୋଇଥାଏ କେବଳ ନିଜ ପାଇଁ ନୁହେଁ ବରଂ ଆପଣମାନେ ଏହା ଦ୍ୱାରା ଲୋକମାନଙ୍କୁ ମଧ୍ୟ ଆଗକୁ ବଢ଼ାଇଥାନ୍ତି । ଅଲ୍ଲାଃ ତାଲା ତ ଏ ନିର୍ଦ୍ଦେଶ ଦେଇଛନ୍ତି ଯେ, ଅଲ୍ଲାଃଙ୍କ ଇତାଅତ୍ କର ଏବଂ ରସୁଲ୍‌ଙ୍କ ଇତାଅତ୍ କର ଏଠି ପ୍ରଶ୍ନ ଉଠୁଛି ଯେ, ଇତାଅତ୍ କେଉଁ କଥାରେ କରାଯିବ ? ତେବେ ଇତାଅତ୍‌ର ଅର୍ଥ ହେଉଛି ଏହା କି ସେହି ସବୁ ନିର୍ଦ୍ଦେଶାବଳି ଗୁଡ଼ିକୁ ତଲାସ୍ କର ଉଦାହରଣ ସ୍ୱରୂପ, ଅଲ୍ଲାଃ ତାଲା କହୁଛନ୍ତି ***ଫସ୍‌ତବିକୁଲ୍ ଖୈରାତ୍*** ଅର୍ଥାତ ପୂଣ୍ୟକର୍ମରେ ଆଗକୁ ବଢ଼ । ***ଫସ୍‌ତବିକୁଲ୍ ଖୈରାତ୍*** ଅର୍ଥାତ ପୂଣ୍ୟକାର୍ଯ୍ୟରେ ଆଗକୁ ବଢ଼ିବାର ଗୋଟିଏ ଅର୍ଥ ମଧ୍ୟ ହେଉଛି ଏହା କି, ଯେତେବେଳେ ତୁମେମାନେ ଆଗକୁ ବଢୁଅଛ ସେତେବେଳେ ତୁମର ଯେଉଁ ସାଥିମାନେ ପଛକୁ ରହିଯାଉଛନ୍ତି ସେମାନଙ୍କର ହାତ ମଧ୍ୟ ଧରିପକାଅ । ଯଦି ତୁମେ ଗୋଟିଏ ପାହାଚରେ ପାଦ ରଖିଛ ତେବେ ତୁମର ଯେଉଁ ଭାଇଟି ଦୁର୍ବଳ ଅଛି ତା ହାତକୁ ମଧ୍ୟ ଧରିପକାଅ ଓ ତାକୁ ମଧ୍ୟ ଟାଣି ଉପରକୁ ନେଇ ଆସ । ଏବେ ଆପଣମାନେ ଅଲ୍ଲାଃ ତାଲାଙ୍କର ଗୋଟିଏ ନିର୍ଦ୍ଦେଶର ଇତାଅତ୍ କଲେ ଯାହା ସକାଶେ ଯେଉଁଠି ଆପଣମାନେ ନିଜକୁ ପୂଣ୍ୟକାର୍ଯ୍ୟ କରି ଆଗକୁ ବଢ଼ାଇଲେ ସେଠାରେ ନିଜ ଭାଇକୁ ମଧ୍ୟ ପୂଣ୍ୟକାର୍ଯ୍ୟ କରିବା ନିମନ୍ତେ ଆଗକୁ ବଢ଼ାଇଲେ ଅର୍ଥାତ ଏହା ଗୋଟିଏ ଚେନ୍ ସଦୃଶ ଯାହା ଏହି ବିଷୟକୁ ସଠିକ୍ ରୂପେ ବୁଝିବା ଦ୍ୱାରା ହିଁ ସାଧନ ହୋଇଥାଏ ଓ ପୁଣି ଗୋଟିଏ ଯମାତ୍ ଭିତରେ ଏକତା ସୃଷ୍ଟି ହୋଇଥାଏ ତେଣୁ ଏକଥାକୁ ମନେରଖ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ,

**ହଜରତ୍ ଅମୀରୁଲ୍**

ମସ୍‌ଜିଦ୍ ନିର୍ମାଣ କରିବାର ଯେଉଁ ଉଦ୍ଦେଶ୍ୟ ରହିଛି ତାକୁ ପୂରଣ କରିବାକୁ ହେବ । ତେବେ ଯାଇ ଅଲ୍ଲାଃତାଲାଙ୍କ ପୁରସ୍କାର ମିଳିବ

*(ଖୁତ୍‌ବା ଜୁମା ପ୍ରଦତ୍ତ ୧୭ ମଇ ୨୦୧୯)*

ତାଲିବେ ଦୁଆ: *Amiruddin Khan & Family, Halka Darul Fazal Jamat Ahmadiyya, Kerang, Khordha (Odisha)*

**ହଜରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଆମେ ଅହେମଦୀମାନେ ହିଁ ସଂସାରବାସୀଙ୍କୁ ଇସ୍‌ଲାମ୍‌ର ସୁନ୍ଦର ଶିକ୍ଷା ସମ୍ବନ୍ଧରେ ଅବଗତ କରାଇବାକୁ ହେବ ଏବଂ ଏଥିପାଇଁ ସବୁଠାରୁ ଜରୁରୀ କଥା ହେଉଛି ଏହା କି ଆମକୁ ଅଲ୍ଲାଃ ତାଲାଙ୍କ ସହିତ ସମ୍ପର୍କ ସୃଷ୍ଟି କରିବାକୁ ହେବ । ''

*(ଖୁତ୍‌ବା ଜୁମା ପ୍ରଦତ୍ତ ୩ ଫେବୃୟାରୀ୨୦୧୭)*

ତାଲିବେ ଦୁଆ: *Sajid Khan S/o Sultan Ahemad & Family, Jamat Ahmadiyya, Madhuban Paradip (Odisha)*

## ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାଫଳର ଘୋଷଣା

ସାରା ହିନ୍ଦୁସ୍ତାନର ଅହେମଦୀ ଛାତ୍ରଛାତ୍ରୀ ଏବଂ ପୁରୁଷ ଓ ମହିଳାମାନଙ୍କ ମଧ୍ୟରେ ନିବନ୍ଧ ଲେଖିବା ଯୋଗ୍ୟତାର ବିକାଶ ପାଇଁ ଏବଂ ସେମାନଙ୍କର ଅନ୍ତର୍ନିହିତ ସାମର୍ଥ୍ୟକୁ ଉଜାଗର କରିବା ପାଇଁ ପ୍ରତ୍ୟେକ ବର୍ଷ ନଜାରତ୍ ତାଲିମ୍ କାଦିୟାନ୍ ତରଫରୁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତା କରାଯାଇଥାଏ ।

ଏବର୍ଷ ୨୦୧୯-୨୦ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ବିଷୟବସ୍ତୁ ଥିଲା **''କର୍ମଠ ଦାଇ ଇଲଲ୍ଲାହ୍ ର ଦାୟିତ୍ୱ ଓ କର୍ତ୍ତବ୍ୟ ହଜୁର ଅନଓ୍ୱର୍ ଅ:ବ:ଅଙ୍କ ନିର୍ଦ୍ଦେଶାବଳୀ ଆଲୋକରେ''**

ଏହି ପ୍ରତିଯୋଗିତାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ହାସଲ କରିଥିବା ଛାତ୍ରୀଛାତ୍ରୀଙ୍କ ନାମ ଘୋଷଣା କରାଯାଉଅଛି । ବିବରଣୀ ନିମ୍ନରେ ଦିଆଗଲା । ଆସନ୍ତାବର୍ଷ ୨୦୨୦-୨୧ ମସିହାର ନିବନ୍ଧର ବିଷୟ ଶିଘ୍ର ଘୋଷଣା କରାଯିବ । ଛାତ୍ରୀଛାତ୍ରମାନଙ୍କୁ ଆସନ୍ତାବର୍ଷ ପାଇଁ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାରେ ଭାଗ ନେବାପାଇଁ ପ୍ରୋତ୍ସାହିତ କରାଯାଉଅଛି ।

ବର୍ଷ ୨୦୧୮-୧୯ ପୁରସ୍କାର ମୂଳକ ନିବନ୍ଧ ପ୍ରତିଯୋଗିତାର ଫଳାପଳ

| କ୍ରମିକ ସଂଖ୍ୟା | ନିବନ୍ଧ ଲେଖକଙ୍କ ନାମ | ଯମାତ | ପୋଜିସନ୍ | ପୁରସ୍କାର ଅର୍ଥରାଶୀ |
|---|---|---|---|---|
| ୧ | ମୋକରମା ସରଓ୍ୱତ୍ ନୂର ସଇଦ୍ ସାହିବା | କାଦିୟାନ୍ | ପ୍ରଥମ | ୫୦୦୦ |
| ୨ | ମୋକରମା ନଜ୍‌ମା ତାରିକ୍ ସାହିବା | କାଦିୟାନ୍ | ଦ୍ୱିତୀୟ | ୪୦୦୦ |
| ୩ | ମୋକରମା ଗଜାଲା କୌକବ୍ ସାହିବା | ହାଇଦ୍ରାବାଦ୍ | ତୃତୀୟ | ୩୦୦୦ |
| ୪ | ମୋକରମା ଆଇଶା ସଲିମ୍ ସାହିବା | ପାଲାକାଡ୍ | ଖୁସୁସି (ଅନୁଗ୍ରହମୂଳକ) | ୧୦୦୦ |

**ନଜାରତ୍ ତାଲିମ୍ କାଦିୟାନ**

## ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛୁକ ପ୍ରାର୍ଥୀ ଧ୍ୟାନ ଦିଅନ୍ତୁ

ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ରେ ଡ୍ରାଇଭର ପଦବୀ ନିମନ୍ତେ ସ୍ଥାନ ଖାଲିଅଛି । ଯେଉଁ ବନ୍ଧୁ ଡ୍ରାଇଭର ଭାବେ ସେବା କରିବାକୁ ଇଚ୍ଛା ରଖିଛନ୍ତି ସେମାନେ ନିଜର ଦରଖାସ୍ତ ଦୁଇ ମାସ ଭିତରେ ନିଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା ନିକଟକୁ ପଠାଇ ପାରିବେ । ସର୍ତ୍ତାବଳୀ ନିମ୍ନରେ ଦିଆଗଲା ।

୧. ପ୍ରାର୍ଥୀଙ୍କ ନିକଟରେ ଡ୍ରାଇଭିଙ୍ଗ ଲାଇସେନ୍ସ ଓ ଡ୍ରାଇଭିଙ୍ଗର ଅଭିଜ୍ଞତା ଥିବା ଜରୁରୀ ।
୨. ପ୍ରାର୍ଥୀଙ୍କ ପାଇଁ ଜନ୍ମ ପ୍ରମାଣପତ୍ର ପ୍ରଦାନ କରିବା ଜରୁରୀ ଅଟେ ।
୩. ସେହି ପ୍ରାର୍ଥୀଙ୍କୁ ଡ୍ରାଇଭର ଭାବେ ସେବାକାର୍ଯ୍ୟ ନିମନ୍ତେ ଚୟନ କରାଯିବ ଯେଉଁମାନେ ଇଂଟରଭ୍ୟୁ ବୋର୍ଡ଼ ଦ୍ୱାରା ସଫଳ ହେବେ ।
୪. ଏବଂ ଯିଏ ନୂର ହସ୍ପିଟାଲ କାଦିଆନ୍‌ର ମେଡ଼ିକାଲ୍ ଫିଟନେସ ସାର୍ଟିଫିକେଟ ମୁତାବକ ସ୍ୱାସ୍ଥ୍ୟବାନ ଘୋଷିତ ହେବେ ।
୫. ପ୍ରାର୍ଥୀଙ୍କୁ ଦ୍ୱିତୀୟଶ୍ରେଣୀ କର୍ମଚାରୀସମ ଆଲାଉନ୍‌ସ ଓ ଅନ୍ୟାନ୍ୟ ସୁବିଧା ଦିଆଯିବ ।
୬. ପ୍ରାର୍ଥୀ କାଦିଆନ୍ ଆସିବାର ଯାତାୟାତ ଖର୍ଚ୍ଚ ନିଜେ ବହନ କରିବେ ।
୭. ପ୍ରାର୍ଥୀଙ୍କୁ କାଦିଆନ୍‌ରେ ନିଜ ରହିବାର ବ୍ୟବସ୍ଥା ନିଜେ କରିବେ ।

ନୋଟ୍- ଦରଖାସ୍ତ ଫର୍ମ ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ୍‌ଠାରୁ ହାସଲ କରିନିଅନ୍ତୁ । (ନାଜର୍ ଦିୱାନ୍ କାଦିଆନ)

ଅଧିକ ଜାଣିବାପାଇଁ ଯୋଗାଯୋଗ କରନ୍ତୁ:
ନଜାରତେ ଦିୱାନ୍ ସଦର ଅଞ୍ଜୁମନ ଅହେମଦୀୟା କାଦିଆନ
ଫୋନ୍: ୦୧୮୭୨-୫୦୧୧୩୦
ମୋବାଇଲ୍: ୯୮୭୬୧୩୮୩୪୭, ୯୬୪୬୩୫୧୨୮୦
ଇମେଲ୍ : diwan@qadian.in

## ନୂରୁଲ୍ ଇସ୍‌ଲାମ୍ ବିଭାଗ ଅନ୍ତର୍ଗତ

ଏହି ଦେୟମୁକ୍ତ ନଂ ରେ ଫୋନ କରି ଆପଣମାନେ ମୁସଲିମ୍ ଯମାତ୍ ଅହେମଦୀୟା ସମ୍ବନ୍ଧରେ ଜ୍ଞାନ ହାସଲ କରିପାରିବେ ।

***ଦେୟମୁକ୍ତ ନଂ: ୧୮୦୦ ୧୦୩ ୨୧୩୧***

ସମୟ: ପ୍ରତ୍ୟଃ ସକାଳ ୮:୩୦ ରୁ ରାତି ୧୦:୩୦ ପର୍ଯ୍ୟନ୍ତ (ଶୁକ୍ରବାର ଦିନ ଛୁଟି ରହିବ)

ମୁଁ ସଂକ୍ଷିପ୍ତରେ କିଛି କଥା ବତାଇଦେଉଛି ସେଗୁଡ଼ିକ ଉପରେ ଚିନ୍ତା କର ଓ ଦେଖ ଯେ, କିଭଳି ଭାବେ ଆପଣମାନେ ନିଜର ଜିବନକୁ ସଜାଡ଼ିବେ ସେହିଭଳି ଅନ୍ୟମାନଙ୍କ ଜିବନକୁ ମଧ୍ୟ ସଜାଡ଼ିବାକୁ ହେବ । ସମ୍ପୂର୍ଣ୍ଣ ଆଜ୍ଞାବହତା ସ୍ୱୀକାର କରିବା ପରିବେଶ ଭିତରେ ସମାଜର ଶାନ୍ତି ସ୍ଥାପନ ହୋଇଥାଏ । ସୁରକ୍ଷା ବି ମିଳିଥାଏ ନିଜ ଭୁଲ୍ ଗୁଡ଼ିକ ପ୍ରତି ଆଙ୍ଗୁଳି ନିର୍ଦ୍ଦେଶ ମଧ୍ୟ କରାଇଥାଏ ଏବଂ ଅନ୍ୟମାନଙ୍କ ଆପତି ଅଭିଯୋଗରୁ ମଧ୍ୟ ବଂଚାଇଥାଏ । ଯଦି ଏବେ ଆପଣମାନେ ସଂପୂର୍ଣ୍ଣ ଇତାଅତ୍ କରୁଛନ୍ତି ଅଲ୍ଲାଃଙ୍କ ଇତାଅତ୍ ଏବଂ ରସୁଲଙ୍କ ଇତାଅତ୍ ଏହି ନିର୍ଦ୍ଦେଶାବଳୀ ଉପରେ ପରିଚାଳିତ ହେଉଛନ୍ତି । ନିଜ ଉପରସ୍ଥ ଅଧିକାରୀଙ୍କ କଥାକୁ ମାନୁଛନ୍ତି ତେବେ ବହୁତ ଗୁଡ଼ିଏ ଝଗଡ଼ା ଓ ବିଭ୍ରାଟରୁ ମଧ୍ୟ ସୁରକ୍ଷିତ ରହିବେ । ଆପଣମାନଙ୍କୁ ଜ୍ଞାନ ଆହୋରଣ କରିବାପାଇଁ କେହି ମଧ୍ୟ ରୋକୁ ନାହାନ୍ତି । ଆପଣଙ୍କ ଚିନ୍ତା ଉପରେ କୌଣସି ପ୍ରତବନ୍ଧକ ଲଗାଯାଉନାହିଁ । ଏହା ମଧ୍ୟ ଅଲ୍ଲାଃ ତାଲାଙ୍କର ନିର୍ଦ୍ଦେଶ ଯେ, ପବିତ୍ର କୋରାନ୍ ଉପରେ ଚିନ୍ତା କର, ଗଭୁର ଅନୁଧ୍ୟାନ କର, ଫିକର୍ କର, ରସୁଲେ କରିମ୍ ସ:ଆ:ସ ମଧ୍ୟ ଏହି ନିର୍ଦ୍ଦେଶ ଦେଇଛନ୍ତି ଏବଂ ହଜରତ ମସିହ ମଉଦ ଆ:ସ ମଧ୍ୟ ଏହି କଥା କହିଛନ୍ତି । କିନ୍ତୁ ଗଭୀର ଅନୁଧାନ କରିବାର ଅର୍ଥ ଏହା ନୁହେଁ ଯେ, ଯଦି କୌଣସି ପ୍ରକାରର କଥା ଆପଣମାନେ ବାହାର କଲେ । ଯାହା ଆପଣମାନଙ୍କ ନିକଟରେ ଏକ ଆଗ୍ରହର ବିଷୟବସ୍ତୁ ଅଟେ । ତାହା ହିଁ ଶେଷ ବୋଲି । ତେଣୁ ଯମାତ୍ ଅହେମଦୀୟାରେ ଖିଲାଫତ୍ର ଗୋଟିଏ ସୁନ୍ଦର ବ୍ୟବସ୍ଥା ରହିଛି ଯାହାକୁ ଅଲ୍ଲାଃ ତାଲା ଆମମାନଙ୍କୁ ପ୍ରଦାନ କରିଛନ୍ତି । ନିଜର ନୁକ୍ତା (ଅନୁଚିନ୍ତା) ବାହାର କରି ଖଲିଫାଙ୍କ ନିକଟରେ ଉପସ୍ଥାପନ କରିପାରିବେ । ଏବଂ ତା'ଉପରେ ନିଜର ମୁଲଦୁଆକୁ ରଖି ଜ୍ଞାନରେ ଅଭିବୃଦ୍ଧି ମଧ୍ୟ କରିପାରିବେ ଏବଂ ଅନ୍ୟମାନଙ୍କୁ ଏହି ଜ୍ଞାନ ଦ୍ୱାରା ଲାଭ ମଧ୍ୟ ପହଂଚାଇ ପାରିବେ ।

ହଜୁର ଅନୱର ଅ:ବ:ଅ କହିଲେ, ସର୍ବଦା ଏକଥା ମନେରଖ ଯେ, ଯେଉଁଭଳି ଆଜି ବର୍ତମାନ ଆପଣମାନେ ମୋ ସମ୍ମୁଖରେ ବସିଅଛ, ଡାଏରୀରେ ନୋଟ କରୁଅଛ, ଖଲିଫାଙ୍କର ଭାଷଣ ବା କୌଣସି ମଧ୍ୟ ତକ୍ରିର୍, କୌଣସି ମଧ୍ୟ କଥା ସେ ସବୁକୁ ନୋଟ୍ କରନ୍ତୁ, ତା'ଉପରେ ଚିନ୍ତା କରନ୍ତୁ ଏବଂ ସେଗୁଡ଼ିକୁ ନିଜ ଜୀନରର ଅଂଶବିଶେଷ କରନ୍ତୁ ଏବଂ ଯମାତ୍କୁ ମଧ୍ୟ ବତାନ୍ତୁ । ବହୁତ ମୁରବୀ ଏପରି ଅଛନ୍ତି ଯେଉଁମାନେ ଖୁତ୍ବା ନୋଟ୍ କରୁଛନ୍ତି ଏବଂ ପୁଣି ନିଜ ରିପୋର୍ଟରେ ଏକଥା ଲେଖୁଛନ୍ତି ଯେ, ପୁରା ସପ୍ତାହରେ ଯାହା କିଛି ମଧ୍ୟ ଦରଜ୍ ଦେଉଛନ୍ତି ସେଥିରେ କିଛି ନି କିଛି ନୁକ୍ତା ଏହି ଖୁତ୍ବାତଗୁଡ଼ିକ ମଧ୍ୟରୁ ନେଇ ସେମାନେ ବର୍ଣ୍ଣନା କରୁଛନ୍ତି । ପୁଣି ତା'ପର ସପ୍ତାହରେ ଆହୁରି ପଏଂଟ ମିଳିଯାଉଛି । ତେଣୁ ସେହି ପଏଂଟ ଗୁଡ଼ିକରୁ ସେମାନେ ଲାଭ ଉଠାଉଛନ୍ତି ଏବଂ ଯେତେବେଳେ ସେ ସବୁକୁ ବାରମ୍ବାର ଦୋହରାଉଛନ୍ତି ସେଥିରେ ଯମାତ୍କୁ ମଧ୍ୟ ଲାଭ ମିଳୁଛି । ତେଣୁ ତର୍ବୀୟତରେ ମଧ୍ୟ ଏକତା ସୃଷ୍ଟି ହୋଇଥାଏ ଓ ଏହି ଏକତା ଆମକୁ ଅଲ୍ଲାଃ ତାଲା ଖିଲାଫତ୍ ବ୍ୟବସ୍ଥା ଜରିଆରେ ପ୍ରଦାନ କରିଛନ୍ତି ତେଣୁ ଏହାର ସୁରକ୍ଷା କରିବା ଓ ଏହାକୁ ସୁରକ୍ଷିତ ରଖିବାପାଇଁ ପ୍ରଥମତଃ ନିଜକୁ ଦାୟିତ୍ୱବାନ ଅଭିହିତ କରିବା ହେଉଛି ସମସ୍ତ ମୁରବୀ ଓ ମୁବଲିଗ୍ମାନଙ୍କ ଧାର୍ଯ୍ୟ କର୍ତବ୍ୟ । ଆପଣମାନେ ହେଉଛନ୍ତି ସେହି ଲୋକେ ଯେଉଁମାନେ ଯୁଗ ଖଲିଫାଙ୍କର ପ୍ରତିନିଧି ଅଟନ୍ତି ଓ ଆପଣମାନେ ହେଉଛନ୍ତି ସେହି ଲୋକ ଯେଉଁମାନେ ଯୁଗ ଖଲିଫାଙ୍କ ଆବାଜକୁ ଆଗକୁ ପହଂଚାଇବେ ତେଣୁ ଏହି ଦୃଷ୍ଟିକୋଣରୁ ମଧ୍ୟ ଆପଣମାନେ ପ୍ରତ୍ୟେକ କଥାକୁ ନୋଟ୍ କରି ତାକୁ ଯେତେବେଳେ ଆଗକୁ ପହଂଚାଇବେ ସେତେବେଳେ ଏହା ହୋଇନପାରେ ଯେ, ଆପଣ କେବଳ ଏତିକି କହିଦେବେ କି, ଆଗକୁ ପହଂଚାଇ ଦିଅ । ଆପଣ ଜଣେ ଡ଼ାକବାଲାର କାମ କରିବେ ନାହିଁ ବରଂ ଏହି ବାର୍ତାକୁ ନିଜେ ବୁଝିବେ ଓ ଏହାକୁ ନିଜ ଉପରେ ଲାଗୁ କରାଇବେ ତା'ପରେ ପୁଣି ଆଗକୁ ପହଂଚାଇବେ । ତେବେ ଯାଇ ଆପଣମାନଙ୍କୁ ମଧ୍ୟ ଲାଭ ମିଳିବ ଓ ଯେଉଁମାନଙ୍କୁ ଏ ବାର୍ତା ପହଂଚାଉଛନ୍ତି ସେମାନଙ୍କୁ ମଧ୍ୟ ଲାଭ ହେବ । ନିଜ ବୁଦ୍ଧି ଉପରେ ସେତେବେଳେ ସୀମା ଲଗାଇ ଦିଅନ୍ତୁ ଯେତେବେଳେ ଖଲିଫା କୌଣସି କଥା ଉପରେ ସ୍ୱଷ୍ଟ ଫଇସଲା କରିଦେଉଛନ୍ତି । ଯଦି ନିଜର ବୁଦ୍ଧିକୁ ତା'ଠାରୁ ଅଧିକା ବ୍ୟବହାର କରିବାପାଇଁ ଚେଷ୍ଟା କରିବେ ତେବେ **ମିନ୍ଲ ମୁସ୍ଲମିନ୍** ର ସୂଚୀରୁ ବାହାରି ପଡ଼ିବେ ସେଥିଯୋଗୁଁ ସୀମା ନିର୍ଦ୍ଧାରଣ କରିବାକୁ ପଡ଼ିଥାଏ । ଏ ଦୁନିଆ କହିଥାଏ ଯେ, ପାକ୍ ସ୍ୱାଧିନତାର ବହୁତ ଗୁରୁତ୍ୱ ରହିଛି ବୋଲି କିନ୍ତୁ ଆମେ ତ ଏକଥା କହୁଛୁ ଯେ, ଯେଉଁଠି ବାକ୍ ସ୍ୱାଧୀନତା ଏ ପୃଥିବୀର ଶାନ୍ତି ଓ ସ୍ଥିରତାକୁ ଧ୍ୱଂସ କରୁଅଛି ସେଠାରେ ତା ଉପରେ ପ୍ରତିବନ୍ଧକ ଲଗାଇ ଦିଅ । ତେଣୁ ଏ ଦୃଷ୍ଟିକୋଣରୁ ଧର୍ମଶିକ୍ଷାରେ ମଧ୍ୟ ଆମକୁ ନିଜ ବୁଦ୍ଧି ଓ ନିଜର ଦୃଷ୍ଟିକୋଣ ଉପରେ ଏଠାରେ ସୀମା ନିର୍ଦ୍ଧରଣ କରିବାକୁ ପଡ଼ିବ ଯେଉଁଠି ଯୁଗ ଖଲିଫା କିଛି ଫଇସଲା କରିଦେଇଥିବେ । ତେବେ ଯାଇ ଆପଣମାନେ ଶାନ୍ତିରେ ରହିପାରିବେ । ତେବେ ଯାଇ ଆପଣମାନଙ୍କୁ ଶାନ୍ତି ମିଳିବ ଓ ତେବେ ଯାଇ ଆପଣମାନଙ୍କୁ ସୁରକ୍ଷା ମିଳିବ । ବାକି ଯେଉଁଠି ଜ୍ଞାନର କଥା ଉଠୁଛି ମୁଁ ଅନେକ ଥର ଏକଥା ବର୍ଣ୍ଣନା କରିସାରିଛି ଯେ, ଜ୍ଞାନ ଦୃଷ୍ଟିକୋଣରୁ ଦେଖିଲେ ବୋଧ ହୁଏ କିଛି ଗୈର୍ ଅହେମଦୀ ମୌଲବୀମାନେ ଆମର ଓଲେମାମାନଙ୍କଠାରୁ କେତେକ କଥାରେ ଅଧିକ ଜ୍ଞାନ ରଖିଛନ୍ତି । କିନ୍ତୁ ସେମାନଙ୍କର ଜ୍ଞାନରେ ବରକତ୍ ନାହିଁ, ସେମାନଙ୍କର ଜ୍ଞାନ ଲାଭହିନ । ଏହା ଲାଭହୀନ କିପରି ? ଏଥିପାଇଁ ଯେ, ସେମାନଙ୍କର ଜ୍ଞାନ ସେମାନଙ୍କୁ ଇତାଅତ୍ରୁ ବାହାର କରିଦେଇଛି । ସେମାନଙ୍କୁ ଜ୍ଞାନ ଏକଥା ବତାଇ ନାହିଁ ଯେ, ନିଜାମ୍ର କଣ ଗୁରୁତ୍ୱ ରହିଛି । ଯେତେବେଳେ ଜଣେ ମଣିଷ ନିଜାମ୍ରୁ ବାହାରକୁ ବାହାରି ଯାଏ ସେତେବେଳେ ପୁଣି ତାକୁ ଜ୍ଞାନ ଲାଭ ପହଂଚାଇବା ପରିବର୍ତେ କ୍ଷତି ପହଂଚାଇବାକୁ ଲାଗିଥାଏ । ତେଣୁ ଅଲ୍ଲାଃ ତାଲା ଆମକୁ ସତ୍କର୍ମ କରିବାପାଇଁ ଧ୍ୟାନ ଆକର୍ଷଣ କରାଇଛନ୍ତି । ସତ୍କର୍ମ କଣ ? ସତ୍କର୍ମ ହେଉଛି ଏହା କି, ପ୍ରେତ୍ୟେକ କାର୍ଯ୍ୟକୁ ତା'ର ସଠିକ୍ ସ୍ଥାନକୁ ବୁଝି ସମ୍ପାଦନ କରାଯାଉ । ପ୍ରତ୍ୟେକ କାର୍ଯ୍ୟକୁ ଉଚିତ ସ୍ଥାନ ଏବଂ ଉଚିତ ସମୟରେ କରାଯାଉ । ପ୍ରକାଶ୍ୟରେ କେତେକ କାର୍ଯ୍ୟ ପୂଣ୍ୟକାର୍ଯ୍ୟ ହୋଇଥାଏ କିନ୍ତୁ ଯଦି ତାହା ସଠିକ୍ ସମୟରେ ନ ହୁଏ ଏବଂ ତା'ର ସୁଫଳ ମିଳିନଥାଏ ତେବେ ଏହା ସତ୍କର୍ମ ହେବ ନାହିଁ । ତେଣୁ ସର୍ବଦା ମନେରଖନ୍ତୁ ଯେ, ନିଜର ଜ୍ଞାନକୁ ସର୍ବଦା ସତ୍କର୍ମର ଅର୍ନ୍ତଗତ ରଖନ୍ତୁ । ଏହା ମଧ୍ୟ ବହୁତ ଜରୁରୀ ଅଟେ ।

*କ୍ରମଶଃ.....*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍ୱା (ଅର୍ଥାତ୍ ଧର୍ମପରାୟଣତା)''

(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୧୨୧)

*ତାଲିବେ ଦୁଆ: Idrish Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୪୦୭)

*ତାଲିବେ ଦୁଆ: Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୪୦୭)

*ତାଲିବେ ଦୁଆ: Mufleh-u-ddin Khan, Jamat Ahmadiyya, Kerang (Odisha)*

## କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍କ୍ଷଣାତ୍ ନମାଜ୍ରେ ଛିଡ଼ା ହୋଇଯାଅ ।''

(ମଲ୍ଫୁଜାତ୍, ଖଣ୍ଡ-୫, ପୃ-୯୬)

*ତାଲିବେ ଦୁଆ: Sharif-u-ddin Khan, Jamat Ahmadiyya, Kerang (Odisha)*

## ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

(ଖୁତ୍ବା ଯୁମାଃ ପ୍ରଦତ ୫ ମଇ ୨୦୧୭)

*ତାଲିବେ ଦୁଆ: Amiruddin Khan & Family, Jamat Ahmadiyya, Kerang (Odisha)*

## ହଜ୍ରତ୍ ଅମୀରୁଲ୍ ମୁମିନିନ୍ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଷ୍ଚିତରୂପେ ସଫଳ ହେବ ।''

(ଖୁତ୍ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)

*ତାଲିବେ ଦୁଆ: Anisha Begum, Jamat Ahmadiyya, Kerang (Odisha)*

EDITOR
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750
Weekly BADAR Qadian ସାପ୍ତାହିକ ବଦର କାଦିଆନ
Dist: Gurdaspur (Pb.) INDIA Qadian - 143516
Postal Reg. No.GDP-40/2020-2022 Vol.5 Thursday 27 Feb 2020 Issue No. 9

MANAGER
NAWAB AHMAD
Mobile. : +91 - 94170-20616
e-mail :managerbadrqnd@gmail.com

ANNUAL SUBSCRIPTION:Rs.500/- (Per Issue:Rs.9/-) (WEIGHT - 20-50gms/issue)

# ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ୟୁରୋପ ଗସ୍ତ - (ଅକ୍ଟୋବର ୨୦୧୫)

**୧୭ ଅକ୍ଟୋବର ୨୦୧୫ (ଶନିବାର) ରିପୋର୍ଟର ଅବଶିଷ୍ଟାଂଶ**

**ଯାମିୟା ଅହେମଦୀୟା ଜର୍ମାନୀର ଶାହିଦ୍ କ୍ଲାସ୍‌ର ବିଦ୍ୟାର୍ଥୀମାନଙ୍କୁ ସାର୍ଟିଫିକେଟ ବିତରଣ ଉତ୍ସବ ଅବସରରେ ହଜୁର ଅନଓ୍ୱର ଅ:ବ:ଅଙ୍କ ଅଭିଭାଷଣ ।**

ହଜୁର ଅନଓ୍ୱର ଅ:ବ:ଅ ତସ୍‌ହୁଦ୍, ତଉଜ୍ ଏବଂ ସୁରାଃ ଫାତିହାର ଆବୃତି ପରେ ସୁରାଃ ହାମିନ୍ ସୟଦାଃର ନିମ୍ନଲିଖିତ ଆୟତ ତିଲାଓ୍ୱତ୍ କଲେ: ***ଓ୍ୱମନ୍ ଅହ୍‌ସନୁ କୌଲମ୍ ମିମ୍‌ମନ୍ ଦାଆ ଇଲ୍‌ଲ୍ଲାହି ଓ୍ୱ ଅମିଲା ସ୍ୱାଲେହନ୍ ଓ୍ୱକାଲା ଇନ୍ନନି ମିନଲ୍ ମୁସ୍‌ଲିମିନ୍***

ଏହାପରେ ହଜୁର ଅନଓ୍ୱର ଅ:ବ:ଅ ଅଲ୍‌ହମ୍‌ଦୁଲ୍ଲିଲାଃ ଆଜି ଯାମିୟା ଅହେମଦୀୟା ଜର୍ମାନୀର ଏହି ପ୍ରଥମ କ୍ଲାସ୍‌ଟି ୭ବର୍ଷର କୋର୍ସକୁ ସମ୍ପୂର୍ଣ୍ଣ କରିବାପରେ କର୍ମକ୍ଷେତ୍ରକୁ ଯାଉଛନ୍ତି କିନ୍ତୁ କର୍ମକ୍ଷେତ୍ରରେ ଆସିବାପରେ ଆପଣମାନଙ୍କୁ ଏକଥା ମନେ ରଖିବା ଉଚିତଯେ, ଆପଣମାନଙ୍କର ଦାୟିତ୍ୱ ବହୁତ ବଢ଼ିଯାଇଛି ପ୍ରଥମେ ଆପଣମାନଙ୍କର କିଛି କଥାକୁ କିଛି କାର୍ଯ୍ୟ ଏବଂ କେତେକ ହର୍‌କତ୍ ଯୋଗୁଁ ଜଣେ ଶିକ୍ଷାର୍ଥୀ ହୋଇଥିବା ଯୋଗୁଁ ଅଣଦେଖା କରିଦିଆଯାଉଥିଲା । କିନ୍ତୁ ଏବେ ଆପଣମାନଙ୍କୁ ମନେରଖିବା ଉଚିତ ଯେ, ଆପଣମାନେ ଅବଶ୍ୟ ଏବେବି ବିଦ୍ୟାର୍ଥୀ ଅଛନ୍ତି କାରଣ ହଦୀସ୍‌ରେ ମଧ୍ୟ ଏପରି ଆସିଛି ଯେ, ମଣିଷ ଯେ ପର୍ଯ୍ୟନ୍ତ କବରରେ ନ ପହଂଚିଛି ତାକୁ ଜ୍ଞାନ ଆହରଣ କରିବା ଉଚିତ କିନ୍ତୁ ତତ୍‌ସହିତ ଆପଣମାନଙ୍କଠାରୁ ଏ ଆଶା ମଧ୍ୟ କରାଯାଉଛି ଯେ, ଆପଣମାନେ ଏବେ ଶିକ୍ଷକ ମଧ୍ୟ ଅଟନ୍ତି କାରଣ ଯେଉଁ ଶିକ୍ଷା ଆପଣ ହାସଲ କରିଛନ୍ତି ଏବଂ ଯାହା କିଛି ଆସନ୍ତାକୁ ହାସଲ କରିବେ ତାହାକୁ ଆପଣମାନେ ଆଗକୁ ପ୍ରଚାର ପ୍ରସାର ମଧ୍ୟ କରିବେ । ଅଲ୍ଲାଃ ତାଲା ଆପଣମାନଙ୍କଠାରୁ ଜ୍ଞାନକୁ ପ୍ରସାର କରିବାପାଇଁ ମଧ୍ୟ ଏକ ଆଶା ରଖିଛନ୍ତି । ଏପରି ଏକ ଦଳ ଯିଏ ନିଜକୁ ଧର୍ମପାଇଁ ଉତ୍ସର୍ଗ କରିରଖିଛି, ଧର୍ମ ଉପରେ ଗଭୀର ଅନୁଚିନ୍ତା କରିବାପାଇଁ ଚେଷ୍ଟା କରୁଛନ୍ତି । ବର୍ତମାନ ଆପଣମାନଙ୍କର କାର୍ଯ୍ୟ ହେଉଛି ଏହା କି, ଯେଉଁମାନେ ଏହିଭଳି ଜ୍ଞାନକୁ ପ୍ରଚାର ପ୍ରସାର କରୁଛନ୍ତି ସେହି ଲୋକମାନଙ୍କ ମଧ୍ୟରେ ଆପଣମାନେ ସାମିଲ ହୁଅନ୍ତୁ । ଅଲ୍ଲାଃ ତାଲା ମଧ୍ୟ ଏକଥା କହିଛନ୍ତି ଯେ, କୌଲ୍ (କଥନ) ଦୃଷ୍ଟିକୋଣରୁ ସବୁଠାରୁ ଉତମ କଥା ହେଉଛି ଅଲ୍ଲାଃ ତାଲାଙ୍କ ଆଡ଼କୁ ଡ଼ାକିବା, ପୂଣ୍ୟକର୍ମ କରିବା ପୁଣି ଏକଥା ଘୋଷଣା କରିବା ଯେ, ମୁଁ ହେଉଛି ସମ୍ପୂର୍ଣ୍ଣ ଆଜ୍ଞାବହ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ଜଣେ ମୁସଲମାନଙ୍କ ନିମନ୍ତେ ଯେଉଁ ଉଦାହରଣ ଦେଇଛନ୍ତି ଏହା ହେଉଛି ତାହାର ଉତମ ଉଦାହରଣ ଏହା ଜଣେ ମୁମିନ୍‌ର ଏକ ଗୁରୁତ୍ୱପୂର୍ଣ୍ଣ ବିଶେଷତା ଓ ତା'ର ଅଂଶବିଶେଷ କିନ୍ତୁ ଯେଉଁମାନେ ଜୀବନ ଉତ୍ସର୍ଗ କରିଛନ୍ତି ଓ ଯେଉଁମାନେ ଏ ଶପଥ କରିଛନ୍ତି ଯେ, ଆମେ ଆମ ଜୀବନର ପ୍ରତ୍ୟେକ କ୍ଷଣ ଅଲ୍ଲାଃ ତାଲାଙ୍କ ନିର୍ଦ୍ଦେଶ ମୁତାବକ କାର୍ଯ୍ୟରେ ଲଗାଇବୁ, ସେ ସବୁକୁ ପ୍ରଚାର ପ୍ରସାର କରିବୁ ଓ ସେଗୁଡ଼ିକୁ ତବ୍‌ଲିଗ୍ କରିବାରେ ଖର୍ଚ୍ଚ କରିବୁ । ସେମାନଙ୍କ ପାଇଁ ଏହି ଉଦାହରଣ ବିଶେଷରୂପେ ଏକ ପ୍ରକାରର **ଲାହେ ଅମଲ୍** (ସିଲାବସ୍) ହେବା ଉଚିତ । ଆପଣମାନେ ଏ ପ୍ରତିଜ୍ଞା କରିଛନ୍ତି ଯେ, ମୁଁ ଜୀବନର ସବୁତକ ସମୟ ଖୁଦାତାଲାଙ୍କ ଶିକ୍ଷାକୁ ପ୍ରଚାର ପ୍ରସାର କରିବାପାଇଁ ଏବଂ ତବ୍‌ଲିଗ୍ ପାଇଁ ଓ୍ୱକ୍‌ଫ(ଉତ୍ସର୍ଗ) କରିବି । ଏବଂ ଏହା କୌଣସି ପ୍ରକାରର ଛୋଟ ପ୍ରତିଜ୍ଞା ନୁହେଁ ଏହା କୌଣସି ମାମୁଲି ଶପଥ ନୁହେଁ । ଆପଣମାନେ ଏବେ ଜ୍ଞାନୀ ବୁଲାଇବେ । ରିପୋର୍ଟରେ ମଧ୍ୟ ଏହା ପେଶ୍ କରାଯାଇଛି ଯେ, ଆପଣମାନେ ତର୍‌ଜୁମତୁଲ୍ କୁର୍‌ଆନ୍ ମଧ୍ୟ ପଢ଼ିଛନ୍ତି ଏବଂ ତଫ୍‌ସିର୍ ଗୁଡ଼ିକ ମଧ୍ୟ ପଢ଼ିଛନ୍ତି ତେଣୁ ଆପଣମାନେ ଏକଥା ମଧ୍ୟ ଜାଣିଛନ୍ତି ଯେ, ଶପଥ ନେବାର ଗୁରୁତ୍ୱ କ'ଣ । ଏବଂ ସମସ୍ତ ପଦବୀ ସମ୍ବନ୍ଧରେ ପଚାରା ଯିବ ଏବଂ ଯେଉଁ ପ୍ରତିଜ୍ଞା ଆପଣମାନେ ଖୁଦାତାଲାଙ୍କ ସହିତ କରିଛନ୍ତି ତାହାକୁ ତ ବିଶେଷରୂପେ ଆପଣମାନେ ମନେ ରଖିବା ଉଚିତ ଓ ଏ ସମ୍ବନ୍ଧରେ ଆପଣମାନଙ୍କୁ ପଚାରା ଯିବାର ଭୟ ସର୍ବଦା ଲାଗିରହିବା ଉଚିତ ତେଣୁ ତାହାକୁ ନିର୍ଭାହ କରିବାପାଇଁ ଯଥା ସମ୍ଭବ ମଣିଷ ଚେଷ୍ଟା କରିବା ଉଚିତ ତେଣୁ ଏଥିପ୍ରତି ବହୁତ ଧ୍ୟାନ ଦିଅନ୍ତୁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ମନେରଖନ୍ତୁ ଯେ, ଏହି ପ୍ରତିଜ୍ଞାକୁ ସେତେବେଳେ ପର୍ଯ୍ୟନ୍ତ ନିର୍ବାହ କରାଯାଇନପାରେ ଯେ ପର୍ଯ୍ୟନ୍ତ ନିଜର ଇସ୍‌ଲାହ୍ (ସୁଧାର) ପ୍ରତି ଧ୍ୟାନ ନ ଦିଆଯାଇଛି, ନିଜର ଅନୁଶୀଳନ ପ୍ରତି ଧ୍ୟାନ ନ ଦିଆଯାଇଛି, ନିଜର କର୍ମକୁ ପ୍ରତିକ୍ଷଣ ପରଖିବା ପାଇଁ ଧ୍ୟାନ ନ ଦିଆଯାଇଛି । ପୁଣି ଏହି ପ୍ରତିଜ୍ଞା ସେତେବେଳେ ପୁରଣ ହେବ ଯେତେବେଳେ ଆପଣମାନଙ୍କ ମଧ୍ୟରୁ ପ୍ରତ୍ୟେକଙ୍କ ଭିତରେ ଏ ଅନୁଭବ ସୃଷ୍ଟି ହେବ ଯେ, ଆପଣମାନେ ଇସ୍‌ଲାମିୟ ଶିକ୍ଷାର ସମ୍ପୂର୍ଣ୍ଣ ନମୁନା ହେବେ ତା ବିନା ନା' ତ ଆପଣମାନେ କୌଣସି ପ୍ରକାରର ତର୍‌ବିୟତ କରିପାରିବେ ଏବଂ ନା' କୌଣସି ପ୍ରକାର ତବ୍‌ଲିଗ୍ କରିପାରିବେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ତେଣୁ ନିଜର କର୍ମ ଉପରେ ସର୍ବଦା ନଜର ରଖିବାର ଆବଶ୍ୟକତା ରହିଛି । ସେହି ସବୁ କର୍ମଗୁଡ଼ିକର ସୂଚୀପତ୍ର ତିଆରି କରିବାକୁ ହେବ ଯେଉଁଗୁଡ଼ିକୁ ଅଲ୍ଲାଃ ତାଲା ପବିତ୍ର କୋରାନ୍‌ରେ ବର୍ଣ୍ଣନା କରିଛନ୍ତି ଅର୍ଥାତ କେଉଁ କର୍ମକୁ କରିବାର ଅଛି ଓ କେଉଁ କର୍ମକୁ କରିବାର ନ ଅଛି । ନିଜର ଧାର୍ମିକ ଅବସ୍ଥାକୁ ସୁଧାରିବା ପ୍ରତି ଧ୍ୟାନ ଦେବାକୁ ହେବ । ଏବେ ଏହା ହେବା ଠିକ୍ ନୁହେଁ ଯେ, ନମାଜରେ ଅବହେଳା ହୋଇଗଲା, ନଫିଲ୍ ନମାଜରେ ଅବହେଳା ହୋଇଗଲା ତ କୌଣସି ଅସୁବିଧା ନାହିଁ ବୋଲି । ଜଣେ ମୁରବୀଙ୍କୁ, ଜଣେ ମୁବ୍‌ଲିଗ୍‌କୁ ମନେ ରଖିବା ଉଚିତ ଯେ, ତାଙ୍କର ଯେଉଁ କାର୍ଯ୍ୟ ବିଶେଷରୂପେ ତାହା ଅଲ୍ଲାଃ ତାଲାଙ୍କ ପାଇ ଉଦ୍ଦିଷ୍ଟ ତାହା ଅଲ୍ଲାଃ ତାଲାଙ୍କ ସାହାଯ୍ୟ ବିନା ସାଧନ ହୋଇପାରିବ ନାହିଁ । ଯେ ପର୍ଯ୍ୟନ୍ତ ଆପଣଙ୍କ ଧ୍ୟାନ ନଫିଲ୍ ପ୍ରତି, ଦୁଆ କରିବା ପ୍ରତି, ନମାଜକୁ ସଠିକ୍‌ରୂପେ ପଢ଼ିବାପ୍ରତି, ନା ଆପଣଙ୍କ ତର୍‌ବିୟତ୍‌ରେ କୌଣସି ପ୍ରଭାବ ପଡ଼ିପାରିବ ନା ଆପଣଙ୍କ ତବ୍‌ଲିଗ୍‌ରେ କୌଣସି ପ୍ରଭାବ ପଡ଼ିପାରେ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ସୁତରାଂ ଯେଉଁଠି ତର୍‌ବିୟତ କରିବାପାଇଁ ଆପଣମାନଙ୍କୁ ନିଜର ଏହି ନମୁନାକୁ ପେସ୍ କରିବାକୁ ହେବ ଯେ, ପାଂଚ ବେଳା ନମାଜ ବାଯମାତ୍ ପାଠ କରିବାପାଇଁ ଚେଷ୍ଟା କରିବା ଉଚିତ ଏଠାରେ ନଫିଲ୍ ମଧ୍ୟ ଜରୁରୀ ଅଟେ । ଯେଉଁଠି ବି ଆପଣମାନେ ମୁତୟନ ହେବେ ସେଠାରେ ଲୋକମାନଙ୍କୁ ଜଣାପଡ଼ିଯାଉଛି ଯେ, ମୁରବୀ ସାହେବ୍ ମସ୍‌ଜିଦ୍‌କୁ ଆସୁଛନ୍ତି ବା ସେଂଟରକୁ ଆସୁଛନ୍ତି ଏବଂ ନମାଜ ବାଯମାତ୍ ହେଉଅଛି । କିନ୍ତୁ ନଓ୍ୱାଫିଲ୍ ଏପରି ଜିନିଷ ଯାହା ବିଷୟରେ କେବଳ ଅଲ୍ଲାଃ ତାଲା ହିଁ ଜାଣିଥାନ୍ତି ବା ବିବାହ ହେବାପାରେ ଆପଣଙ୍କ ସ୍ତ୍ରୀମାନେ ହିଁ ଜାଣିଥାନ୍ତି ବା ଘରର ଲୋକମାନେ ହିଁ ଜାଣିଥାନ୍ତି । ଅର୍ଥାତ ଏହି ଉପାସନା ହେଉଛି ଏପରି ଉପାସନା ଯାହା ଲୁକ୍‌କାୟିତ ଭାବେ କରାଯାଇଥାଏ । ଅର୍ଥାତ ଲୋକମାନଙ୍କ ସମ୍ମୁଖରେ ଏହା କରାନଯାଉଥିବା ସତ୍ୱେ ମଧ୍ୟ ଏହାର ଗୁରୁତ୍ୱ ବହୁତ ଅଛି । ଫର୍ଜରେ କୌଣସି ପ୍ରକାରର ଊଣା ରହିଗଲେ ନଫିଲ୍ ଦ୍ୱାରା ପୂରା କରିବାର ନିର୍ଦ୍ଦେଶ ରହିଛି । ମନୁଷ୍ୟ କିଭଳି ଏ ଦାବି କରିପାରେ ଯେ, ସେ ସବୁ ପ୍ରକାରର ଫରାଇଜ୍ (ଧାର୍ଯ୍ୟ କର୍ତବ୍ୟ) ନିର୍ବାହ କରିଦେଇଛି ବୋଲି ଓ ବିଶେଷରୂପେ ସେହି କର୍ତବ୍ୟ ଗୁଡ଼ିକୁ ଯାହାକୁ କରିବାପାଇଁ ଅଲ୍ଲାଃଙ୍କ ତରଫରୁ ନିର୍ଦ୍ଦେଶ ରହିଛି ? ପୁଣି ଫରାଇଜ୍‌ର ସ୍ତର ଗୋଟିଏ ସ୍ଥାନରେ କାଏମ୍ ରହେ ନାହିଁ । ବରଂ ପ୍ରତିକ୍ଷଣ ଏବଂ ପ୍ରତ୍ୟେକ ଦିନ ମଣିଷର ଜ୍ଞାନ ଓ ଆଧ୍ୟାତ୍ମିକ ଉନ୍ନତି ହେବା ସହିତ ସେହି ସ୍ତର ମଧ୍ୟ ବଢ଼ିଚାଲିଥାଏ ଏବଂ ପୁଣି ଏ ବିଷୟ ଜଣା ନାହିଁ ଯେ, ସେହି ସ୍ତର ବଢ଼ିଛି ବା ନାଇଁ ? ତେଣୁ ଏଥିପାଇଁ କେତେ ମାତ୍ରାରେ ଦୁଆ କରିବା ଆବଶ୍ୟକ ରହିଛି ? ଏବଂ ମଣିଷ କେବଳ ଅଲ୍ଲାଃ ତାଲାଙ୍କ ନିକଟରେ ନତମସ୍ତକ ହୋଇ ନିଜର ଦିନ ଏବଂ ରାତି ଏଥିପ୍ରତି ଧ୍ୟାନ ଦେଇ ସେହି ଦୁଆ ଗୁଡ଼ିକ କରିବାପାଇଁ ଚେଷ୍ଟା କରିଥାଏ । ଯଦ୍ୱାରା ଯେଉଁ ସବୁ କମି ରହିଯାଇଛି ତାହା ପୂରଣ ହୋଇଯାଉ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ, ପୁଣି ଗୋଟିଏ କଥା ଏହା ମଧ୍ୟ ମନେରଖିବାକୁ ହେବ ଯେ, ମୁରବୀ ଏବଂ ମୁବ୍‌ଲିଗ୍‌ଙ୍କ କଥନ ଓ କର୍ମ ମଧ୍ୟରେ ଅନ୍ତର ରହିବା ଉଚିତ ନୁହେଁ । ନିଜର ସମୀକ୍ଷା ଓ ଅନୁଶୀଳନ କରିଚାଲ ଯେ, ଆପଣମାନେ ଯେଉଁ ଉପଦେଶ ଦେଉଛନ୍ତି, ଯେଉଁ ଭାଷଣ ଦେଉଛନ୍ତି, ଲୋକମାନଙ୍କୁ ଖୁତ୍‌ବା ରେ ଯେଉଁ କଥା ବୁଝାଉଛନ୍ତି କ'ଣ ମୁଁ ତା'ଉପରେ ପରିଚାଳିତ ହେବା ପାଇଁ ଯଥା ସମ୍ଭବ ଚେଷ୍ଟା କରୁଛି କି ? କ'ଣ ଯାହା କିଛି ଦୋଷ ଦୁର୍ବଳତା ରହିଯାଇଛି ସେ ସବୁକୁ ଦୂର କରିବାପାଇଁ ଅଲ୍ଲାଃ ତାଲାଙ୍କ ସାହାଯ୍ୟ ଭିକ୍ଷା ପାଇଁ ଚେଷ୍ଟା କରୁଛି କି ? ଯେତେବେଳେ ଏହା ହେବ ସେତେବେଳେ କଥାର ପ୍ରଭାବ ମଧ୍ୟ ପଡ଼ିବ । ଲୋକମାନେ ଆପଣଙ୍କର ନମୁନା ଦେଖୁଛନ୍ତି । ଯେମିତି କି ମୁଁ ପୂର୍ବରୁ କହିସାରିଛି ଯେ, ଏକଥା ମନେ ରଖନ୍ତୁ ଯେ, ଜଣେ ବିଦ୍ୟାର୍ଥୀ ଭାବି ଆପଣଙ୍କ କେତେକ କଥାଗୁଡ଼ିକୁ ଅଣଦେଖା କରାଯାଉଥିଲା କିନ୍ତୁ ଏବେ ଲୋକମାନେ ଆପଣଙ୍କର ନମୁନା ଦେଖିବେ ସୁତରାଂ ଏବେ ଆପଣଙ୍କର ନମୁନା ଦ୍ୱାରା କାହାର ସୁଧାର ମଧ୍ୟ ହୋଇପାରେ ଓ କାହାକୁ ଧକ୍କା ମଧ୍ୟ ଲାଗିପାରେ ତେଣୁ ଲୋକମାନଙ୍କୁ ଧକ୍କା ଖାଇବାରୁ ବଂଚାଇବା ପାଇଁ, ଯମାତ୍‌ର ସଦସ୍ୟମାନଙ୍କୁ ଧକ୍କା ଖାଇବାରୁ ବଂଚାଇବା ପାଇଁ, ଯମାତ୍‌ର ପ୍ରତ୍ୟେକ ଗୋଷ୍ଠୀଙ୍କୁ ଧକ୍କାରୁ ବଂଚାଇବା ପାଇଁ ନିଜର କାର୍ଯ୍ୟନମୁନା ଏପରି ରଖନ୍ତୁ ଯେ, ଆପଣମାନଙ୍କ ଉପରକୁ କାହାର ଆଙ୍ଗୁଳି ନ ଉଠୁ । କୌଣସି ଲୋକ ଏକଥା ନ କହୁ ଯେ, ମୁରବୀ ସାହେବ ମାନେ ଆମର ଅମୁକ ମୁବ୍‌ଲିଗ୍‌ଙ୍କ ଅମକ କାର୍ଯ୍ୟରେ ଏହି ଦୋଷ ଦୁର୍ବଳତା ବା କମି ରହିଛି ସେଥିଯୋଗୁଁ ଅମୁକକୁ ଧକ୍କା ଲାଗିଲା ଯା ମତେ ଧକ୍କା ଲାଗିଛି ବା ମୋ ମନ ଭିତରେ କେତେକ ବିଷୟରେ ସଙ୍କା ସୃଷ୍ଟି ହୋଇଛି । ସର୍ବଦା ମନେ ରଖନ୍ତୁ ଯେ, ଲୋକମାନେ ଆପଣଙ୍କ ପ୍ରତ୍ୟେକ କଥା ଓ ପ୍ରତ୍ୟେକ କାର୍ଯ୍ୟକୁ ବହୁତ ତୀକ୍ଷ୍ଣ ଦୃଷ୍ଟିରେ ଦେଖୁଛନ୍ତି ଓ ଦେଖିବେ ମଧ୍ୟ ତେଣୁ ନିଜର

*ଅବଶିଷ୍ଟାଂଶ ପୃଷ୍ଠା- ୦୯ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan